ସକାଳ THE SAKALA



## ନିମାପଡ଼ା ୪ ଥାକିଆ ରାସ୍ତା ନିର୍ମାଣରେ ବିଳମ୍ବ

**ନିମାପଡା, ୯।୪(ସମିସ):** ପିପିଲି-କୋଣାର୍କ ମୁଖ୍ୟରାସ୍ତାର ନିମାପଡା ଏନ୍ଏସି ତଳଅଣ୍ଡିଆ ଠାରୁ କୁଶଭଦ୍ରା ନଦୀ ବ୍ରୀଜ ପର୍ଯ୍ୟନ୍ତ ପ୍ରାୟ ୩ କି.ମି ୪ ଥାକିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ମାତ୍ର ରାସ୍ତା କାର୍ଯ୍ୟରେ ବିଳମ୍ବ ହେତୁ ଦୈନନ୍ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବିଶେଷକରି ବିଦ୍ୟୁତ୍ ବିଭାଗ ଓ ପାନୀୟଜଳ ବିଭାଗର ଅବହେଳା ଯୋଗୁଁ ରାସ୍ତା ଉଭୟ ପାଶ୍ୱର୍ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ମାଟି ତଳେ ଯାଇଥିବା ପାନୀୟଜଳ ପାଇପ୍ ନ ହଟିବା ଫଳରେ ରାସ୍ତା କାର୍ଯ୍ୟରେ ବିଳମ୍ବ ହେଉଥିବା ଜଣାପଡିଛି। ଏହି ରାସ୍ତାରେ ଯାଉଥିବା ବିଭିନ୍ନ ଯାନବାହନ ସବୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଛିଡାହୋଇ ରହୁଛନ୍ତି। ଯାହାଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ତୁରନ୍ତ ରାସ୍ତାକାର୍ଯ୍ୟ ଶେଷ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ନୂତନ ଅଗ୍ନିଶମ ଅଧିକାରୀଙ୍କ ଯୋଗଦାନ



**ନିମାପଡା, ୯।୪ ( ସମିସ )** ନିମାପଡା ଅଗ୍ନିଶମ ବିଭାଗର ନୂତନ ଅଧିକାରୀ ଭାବେ ସରୋଜକାନ୍ତ ସାହୁ ଯୋଗଦାନ କରିଛନ୍ତି। ଏଠାରେ କାର୍ଯ୍ୟରତ ଥିବା ଅଗ୍ନିଶମ ବିଭାଗ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ଅବସର ଗ୍ରହଣ ପରେ ଶ୍ରୀ ସାହୁ ଯୋଗଦାନ କରିଛନ୍ତି। ଶ୍ରୀ ସାହୁ ପୂର୍ବରୁ କଟକ ବିଡାନାସି ଅଗ୍ନିଶମ ବିଭାଗ କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେଠାରେ ସେ ୩ବର୍ଷ ଧରି ସୁଚାରୁ ଭାବେ କାର୍ଯ୍ୟ ସଂପାଦନ କରିଛନ୍ତି। ଶ୍ରୀ ସାହୁଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ବାପ-ପୁଅଙ୍କ ଆକ୍ରମଣରେ ଜଣେ ଆହତ

**ବଳଙ୍ଗା, ୯।୪(ସମିସ):** ଜାଗାବାଡି ବିବାଦକୁ କେନ୍ଦ୍ର କରି ମାଧିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ କଟୁରିରେ ଆକ୍ରମଣ କରି ଜିବନରେ ମାରିଦେବା ପାଇଁ ଉଦ୍ୟମ କରୁଥିବା ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ବଳଙ୍ଗା ଥାନା ଅନ୍ତର୍ଗତ ବଳରାମପୁର ଗଡ ପଞ୍ଚାୟତ ଅନ୍ତର୍ଗତ ମାଧିପୁର ଗ୍ରାମର ମମତା ସିଂ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାଇ ଜାଗାବାଡି ବିବାଦକୁ କେନ୍ଦ୍ର କରି ତାଙ୍କ ପଡୋଶୀ କାର୍ତ୍ତିକ ଜେନା ମମତାଙ୍କ ବାଡିପଟେ ଥିବା ଏକ ଫଳନ୍ତି ଅମୃତ ଭଣ୍ଡା ଗଛକୁ ହାଣି ଦେଇଥିଲେ।ସେହି ସମୟରେ ମମତାଙ୍କ ସ୍ୱାମୀ ରଶ୍ମି ରଞ୍ଜନ ପ୍ରତିବାଦ କରିବାରୁ କାର୍ତିକ ଜେନା ଓ ତାଙ୍କ ପୁଅ ସଂଗ୍ରାମ କେଶରୀ ଜେନା ହାତରେ ଧରିଥିବା କଟୁରିରେ ରଶ୍ମି ରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ରଶ୍ମି ରଞ୍ଜନ ମରିଯିବା ଭାବି ସେମାନେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ରଶ୍ମିତା ସ୍ୱାମୀଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଡେଲାଙ୍ଗ, ୯।୪(ସମିସ):** ଡେଲାଙ୍ଗ ଥାନା ଅଧିନ ଜଗଦଳପୁର (ମୂଳାପଦା) ଗ୍ରାମର ଜାତୀୟ ଓ ଆର୍ନ୍ତଜାତୀୟ କ୍ରୀଡାରେ ସଫଳତା ପାଇଥିବା ସରୋଜିନି ସୁନ୍ଦରାୟ(୨୪)ଙ୍କ ଝୁଲନ୍ତା ମୃତଦେହ ଭୂବନେଶ୍ୱରସ୍ଥିତ ଭଡାଘରୁ ଉଦ୍ଧାର ହୋଇଛି। ସରୋଜିନି ପ୍ରାୟ ଦୁଇବର୍ଷ ହେବ ଭୂବନେଶ୍ୱର ବଡଗଡ ଅଞ୍ଚଳରେ ରହି ଏକ ଗାଡି ସୋରୁମରେ କାମ କରୁଥିବା ବେଳେ ଗତ କିଛିଦିନ ହେବ ସେ କୋର୍ଟ ପଛପଟ ହରିହର ବିଦ୍ୟାପୀଠ ସନ୍ନିକଟ ଏକ ଭଡା ଘରେ ରହୁଥିଲେ। ସରୋଜିନି ରହୁଥିବା ଭଡାଘରୁ ବଡଗଡ ପୁଲିସ ତାଙ୍କ ମୃତ ଶରୀର ଉଦ୍ଧାର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମଙ୍ଗଳବାର ତାଙ୍କ ମରଶରୀର ବାପା ପ୍ରକାଶ ସୁନ୍ଦରାୟଙ୍କୁ ପୁଲିସ ହସ୍ତାନ୍ତର କରିବା ପରେ ଗ୍ରାମ ଶ୍ମସାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏକା ହତ୍ୟା କି ଅତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଗୋପ ଲୋକ ଉତ୍ସବ ତୃତୀୟ ସନ୍ଧ୍ୟା



**ଗୋପ, ୯।୪(ସମିସ):** ଗୋପ ନଦୀ ପଠାରେ ଅନୁଷ୍ଠିତ ଶ୍ରୀଗୋପାଳଜୀଉ ସାଗରସ୍ନାନ ମେଳନ ଓ ଗୋପ ଲୋକ ଉତ୍ସବ ତୃତୀୟ ସନ୍ଧ୍ୟା ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଂଜନ ପଟ୍ଟନାୟକ ଯୋଗ ଦେଇ ଲୋକ ଉତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି କରେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସୁକାନ୍ତ କୁମାର ଶତ୍ରୁଶଲ୍ୟ ଯୋଗ ଦେଇ ଗୋପ ଲୋକ ଉତ୍ସବ କେବଳ ପୁରାତନ ପରମ୍ପରାୟକୁ ବଜାୟ ରଖୁଛି ତାହା ନୁହେଁ। ଏହି ଲୋକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ଏହିଠାରୁ ଚିହ୍ନଟ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ନରେନ୍ଦ୍ର ଦାସ, ଅଭିମନ୍ୟୁ କାଣ୍ଡି, ଲିଙ୍ଗରାଜ ହୋତା, ବାନରସେନା ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ବ୍ରଜକିଶୋର ସାହୁ, ମଙ୍ଗରାଜ ବାରିକ, ବରିଷ୍ଠ ପ୍ରଧାନଶିକ୍ଷକ ଜଟାଧାରୀ ବେହେରା, ପ୍ରମୋଦ ମହାପାତ୍ର, ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ବାର୍ତ୍ତାକୁ ନେଇ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିବା ବେଳେ ଦର୍ଶକମାନେ ବିମୁଗ୍ଧ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ମୁଖୀ, ସଂଗ୍ରାମ କେଶରୀ ଭୋଳ ପ୍ରମୁଖ ପରିଚାଳନା କରିଥିଲେ।

### ■ କଣାସ-ଡେଲାଙ୍ଗ ରାସ୍ତା ପ୍ରଶସ୍ତୀକରଣ

# ରାସ୍ତାପାର୍ଶ୍ୱରୁ ଅବାଧ ଗଛକଟାକୁ ବିରୋଧ



**ଡେଲାଙ୍ଗ, ୯।୪(ସମିସ):** ଡେଲାଙ୍ଗ-କଣାସ ରାସ୍ତା ପ୍ରଶସ୍ତୀକରଣର ନାଁରେ ରାସ୍ତା ପାଶ୍ୱର୍ରୁ ଅବାଧ ଗଛକଟାକୁ ସ୍ଥାନୀୟ ଅଧିବାସୀ ବିରୋଧ କରିଛନ୍ତି। ଅନ୍ୟପଟେ ବନବିଭାଗ ଗଛ କାଟିବା ପାଇଁ ପଠାଇଥିବା ଶ୍ରମିକଙ୍କୁ ପ୍ରତିବାଦକାରୀମାନେ ଘଟଣା ସ୍ଥଳରୁ ଫେରାଇ ଦେଇଛନ୍ତି। ବନବିଭାଗ ଓ ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ସହ ସ୍ଥାନୀୟ ପରିବେଶକର୍ମୀ ଓ ସରପଞ୍ଚଙ୍କ ଉପସ୍ଥିତିରେ ଆବଶ୍ୟକ ଥିବା ଗଛ କଟାଯାଉ ବୋଲି ପ୍ରତିବାଦକାରୀମାନେ ଦାବି କରିଛନ୍ତି। ଡେଲାଙ୍ଗ-କଣାସ ରାସ୍ତା ପ୍ରଶସ୍ତି କରଣ ପ୍ରକଳ୍ପ ଚାଲୁଥିବା ବେଳେ କଣାସ ଠାରୁ ତ୍ରିଲୋଚନପୁର ପର୍ଯ୍ୟନ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି। କିନ୍ତୁ ଡେଲାଙ୍ଗ ଠାରୁ ତ୍ରିଲୋଚନପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତି କରଣ କାମ ଅଦ୍ୟାବଧି ହୋଇନାହିଁ। ଏନେଇ ବାରମ୍ବାର ସ୍ଥାନୀୟଲୋକେ ରାସ୍ତାକାମ ଶେଷ କରିବା ପାଇଁ ଦାବି କରିଆସୁଛନ୍ତି। କିନ୍ତୁ ଏହି ରାସ୍ତାକାମ ନାଁରେ ରାସ୍ତା ପାଶ୍ୱର୍ରେ ଥିବା ଗଛ ଗୁଡିକୁ କାଟିଦେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି ଗଛ ଗୁଡିକ ଗ୍ରୀଷ୍ମଦିନେ ପ୍ରଚଣ୍ଡ ଖରାରୁ ଛାୟା ପ୍ରଦାନ କରୁଥିବା ଯୋଗୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ମଙ୍ଗଳବାର ବନବିଭାଗ ନିୟୋଜିତ ଶ୍ରମିକମାନେ ଅବାଧ ଗଛ କାଟୁଥିବା ଦେଖି ପରିବେଶକର୍ମୀ ଅପର୍ତି ମହାପାତ୍ର , ତ୍ରିଲୋଚନପୁର ସରପଞ୍ଚଙ୍କ ପ୍ରତିନିଧି ଗୁଣନିଧି ପାତ୍ର, ଅଧ୍ୟାପକ କୈଳାଶ ଚନ୍ଦ୍ର ସାହୁ , ଡା. ବିଶ୍ୱରଞ୍ଜନ ଜେନା , ସମ୍ପଦ ପ୍ରଧାନ ପ୍ରମୁଖଙ୍କ ତତ୍ୱାବଧାନରେ କଲ୍ୟାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ହାତରେ ବୃକ୍ଷ ସୁରକ୍ଷା, ପରିବେଷ ସୁରକ୍ଷା, ଗ୍ଲୋବାଲ ୱାର୍ମିଂରୁ ରକ୍ଷାପାଇବା ବିଭିନ୍ନ ବାର୍ତ୍ତାଥିବା ପ୍ଲାକାର୍ଡ ଧରି ଗଛ ନକାଟିବାକୁ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ। ଖବର ପାଇ ଭୁବନେଶ୍ୱରରୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଦୀପ ମହାନ୍ତି , ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ , ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା , ସଡକ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଦିଗମ୍ବର ସ୍ୱାଇଁ ପ୍ରମୁଖ ପ୍ରତିବାଦକାରୀଙ୍କ ସହ ଆଲୋଚନା କରିଛନ୍ତି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଣି ପୂର୍ଣ୍ଣିମା ପାଣ୍ଡିଆନ୍ଙ୍କୁ ଟେଲିଫୋନ ଯୋଗେ ଅବଗତ କରାଯିବା ପରେ ଗଛକଟା ସ୍ଥଗିତ ରଖାଯାଇଛି। ପାରିପାର୍ଶ୍ୱିକ ସ୍ଥିତିର ସମିକ୍ଷା କରାଯାଇ ନିଷ୍ପତି ନିଆଯିବ ବୋଲି ବନଖଣ୍ଡ ଅଧିକାରୀଣି ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରଶସ୍ତିକରଣରେ କାର୍ଯ୍ୟରେ ବାଧକ ସାଜୁଥିବା ଗଛ କଟାଯିବ ଓ ଅନ୍ୟଗଛ ଗୁଡିକ ସେହିପରି ରାସ୍ତା କଡରେ ରହିବ ବୋଲି ବନଖଣ୍ଡ ଅଧିକାରୀ ଓ ନିର୍ମାଣ ଯନ୍ତ୍ରୀ ପ୍ରତିବାଦକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ପ୍ରତିବାଦ ସ୍ଥଗିତ ରଖାଯାଇଥିଲା।

## ଉତ୍କଳମଣିଙ୍କ ସୁରକ୍ଷା ପାଚେରି ଭାଙ୍ଗିଲା



**ଚାରିଛକ/ନୟାହାଟ, ୯।୪(ସମିସ):** ପୁରୀ ଜିଲ୍ଲା ଚାରିଛକ ୧୯୭୭ ମସିହାରେ ପ୍ରଥମ ଲୋକସଭା ସଦସ୍ୟ ପ୍ରଦ୍ୟୁମ୍ନ ବଳ ଏବଂ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ କରକମଳରେ ଉନ୍ମୋଚିତ ହୋଇଥିବା ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସୁରକ୍ଷା ପାଇଁ ପାଚେରି ନିର୍ମାଣ ହୋଇଥିଲା । ପ୍ରକାଶ ଥାଉକି ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ନୃସିଂହ ନାରାୟଣ ପତି ପ୍ରତିମୂର୍ତ୍ତି ଏବଂ ପିଣ୍ଡି ନିର୍ମାଣରେ ସହଯୋଗ କରିଥିଲେ। ପରେ ଏକ ଛୋଟ ପାଚେରି ନିର୍ମାଣ କରା ଯାଇଥିଲା। ଏହି ପାଚେରୀକୁ କେଉଁ ଦୁର୍ବୃତ୍ତ ବା ଟ୍ରକ୍ ଚାଳକ ଧକା ଦେଇ ଭାଙ୍ଗି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଜକୁ ୩ ଦିନ ପୁରୀ ଯାଇଥିଲେ ମଧ ଗୋପବନ୍ଧୁ ଦାସଙ୍କ ସୁରକ୍ଷା ପାଚେରି ଉପରେ ଦୃଷ୍ଟି ପଡୁନାହିଁ କି ଭାଙ୍ଗି ଯାଇଥିବା ପାଚେରିକୁ କାଢି ସଫା କରୁନାହାଁନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପାଚେରି ନିର୍ମାଣ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ସହିତ ବୁଦ୍ଧିଜୀବୀ , ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଦାବି ହେଉଛି।

## ଜଳିଗଲା ୬ ବଖରା ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ



**ଅସ୍ତରଙ୍ଗ, ୯।୪(ସମିସ):** ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ପଞ୍ଚାୟତ ଖଣ୍ଡିବେଲାରୀ ଗ୍ରାମରେ ମଙ୍ଗଳବାର ମଧାହ୍ନ ୧୨.୩୦ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟି କେଦାର ନାଥ ଲେଙ୍କାଙ୍କ ୬ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁସ ହୋଇଯାଇଛି। ସୂଚନା ମୁତାବକ କେଦାର ତାଙ୍କ ଘରେ ହଠାଥ ନିଆଁ ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିବା ସହିତ ଅସ୍ତରଙ୍ଗ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। କିନ୍ତୁ ଅସ୍ତରଙ୍ଗ ଦମକଳ ପହଞ୍ଚିବାରେ ଅସଫଳ ହେବାରୁ କୋଣାର୍କରୁ ଦମକଳ ଗାଡି ଆସିଥିଲା କିନ୍ତୁ ଦମକଳ ଆସି ପହଞ୍ଚିବା ବେଳକୁ ଘରର ସମସ୍ତ ଆସବାବପତ୍ର, ରୋଷେଇ ସାମଗ୍ରୀ, ଲୁଗାପଟା, ଆଲମିରା, ବ୍ୟବହୃତ ସାମଗ୍ରୀ ଏବଂ ବଡ଼ ପୁଅ ବିଭାଘର ପାଇଁ ରଖିଥିବା ଟଙ୍କା, ଅଳଙ୍କାର ସବୁ ନଷ୍ଟ ହୋଇଯାଇଛି। କେଦାର ଜଣେ ସାଧାରଣଚାଷୀ ବର୍ଷକ ଖାଇବା ପାଇଁ ରଖିଥିବା ସମସ୍ତ ଧାନ,ଚାଉଳ ଓ ଖାଦ୍ୟସାମଗ୍ରୀ ମଧ ନିଆଁରେ ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଝାଡଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଉପସ୍ଥିତ ରହି ସ୍ଥାନୀୟ ତହସିଲଦାର, ବିଡ଼ିଓ ଓ ଅନ୍ୟ ଅଧିକାରୀଙ୍କୁ ସୂଚନା ଦେବା ସହ ଉକ୍ତ ପରିବାର ପାଇଁ ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ବିପନ୍ନ ପରିବାର କ୍ଷତିପୂରଣ ପାଇବା ନେଇ ପ୍ରଶାସନକୁ ଜଣାଇଛନ୍ତି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଶିଶୁର ଜୀବନ ଗଢ଼ିବାରେ ଅଧାତ୍ମିକ ଶିକ୍ଷାର ଗୁରୁତ୍ୱ




**ଡେଲାଙ୍ଗ, ୯।୪(ସମିସ):** ଶିଶୁଟିକୁ ଆଧାତ୍ମିକ ଶିକ୍ଷା ଦେବା ଦ୍ୱାରା ପିଲାଟିର ଭବିଷ୍ୟତ ଉଜ୍ଜଳମୟ ହେବା ସହିତ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଗଣିତ ହେବା ସମ୍ଭବ ହେବ ବୋଲି ଏବିଇଓ ସୁଷମା ଦାଶ ଡେଲାଙ୍ଗ ବ୍ଲକ ପ୍ରହରାଜପୁର ସ୍ଥିତ ବାନାମ୍ବର ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାବେଶରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦିଗମ୍ବର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଏବିଇଓ ଶ୍ରୀମତୀ ଦାଶ, ଲକ୍ଷ୍ମଣ ପ୍ରଧାନ, ସିଆରସିସି ଦୟାନିଧି ମାର୍ଥା, ନବକିଶୋର ମହାପାତ୍ର, ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ,ଦେବାଶିଷ ପଣ୍ଡା,ସଙ୍କିର୍ତ୍ତନ ଗାୟକ ସାଗର ବଳ, ପରିଚାଳନା କମିଟି ସଭାପତି ଦିବାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ ସଭାସଂଯୋଜନା ଓ ଶିକ୍ଷକ ଚକ୍ରଧର ମହାପାତ୍ର ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପକୃଷ୍ଣ ତ୍ରିପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଦୀପ କୁମାରଜେନା,ଅନୁରାଧା ଦାଶ, ମଦନମୋହନ ପ୍ରଧାନ, ମଞ୍ଜୁଲତା ଦେଇ,ବିଷ୍ଣୁପ୍ରିୟା ପରିଡା, କାଦମ୍ବିନୀ ସାହୁ, କମିଟି ସଭ୍ୟ ବିଜୟ ମହାପାତ୍ର, ରବିନ୍ଦ୍ର ମହାରଣାଙ୍କ ସମେତ କମିଟି ସଭ୍ୟସଭ୍ୟା ଅଭିଭାବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମିଳିତ ଶିକ୍ଷକ ସଂଘ ପକ୍ଷରୁ ବନ୍ଧୁମିଳନ

**ଗମ୍ଭାରୀପଦା/କାକଟପୁର, ୯।୪(ସମିସ)** କାକଟପୁର ବ୍ଲକ ପ୍ରାଥମିକ ଶିକ୍ଷକ ଭବନରେ କାକଟପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଇଫତାର୍ ପାର୍ଟିର ଆୟୋଜନ କରାଯାଇ ସାମ୍ପ୍ରଦାୟିକ ସଦଭାବନା ସୃଷ୍ଟି କରାଯାଇଛି।ଏହି ସମାରୋହରେ ଏବିଇଓ ପଙ୍କଜୀନୀ ଦେଇଙ୍କ ସମେତ ସମସ୍ତ ପ୍ରାଥମିକ ଶିକ୍ଷକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏନପିଏସ ଜିଲ୍ଲା ସଭାପତି ବିଷ୍ଣୁ ଚରଣ ମହାନ୍ତି,ଏନପିଏସ ବ୍ଲକ ସଭାପତି ରକ୍ଷକ କୁମାର ସ୍ୱାଇଁ,ରାଜ୍ୟ ପ୍ରାଥମିକ ସିଟି ସଂଘ ସଂପାଦକ ଅକ୍ଷୟ କୁମାର ଖୁଣ୍ଟିଆ,ଏନପିଏସ ରାଜ୍ୟ ନେତୃତ୍ୱ ସୁନିଲ କୁମାର ମହାନ୍ତି,ରାଜ୍ୟ ଏକ୍ସକ୍ୟାଡର ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ବିଶ୍ୱାଳ,ଏନପିଏସ କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ସାସମଲ,ସିଆସିସି ରଞ୍ଜନ କୁମାର ବେହେରା,ଶେଖ୍ ହାରିସ,ଏକବାଲ ହୋସେନ ଖାଁ,ହଲିମ ଖାଁ,ପ୍ରଧାନଶିକ୍ଷକ ସଲିମ୍ ଖାଁ, ଦେବାଶିଷ ପଣ୍ଡା,ମୁଜିବୁର ରହମାନ ଖାଁ ଓ ଫଜଲୁର ରହମାନ ଯୋଗଦେଇ ପବିତ୍ର ରମଜାନ ରୋଜା ଫିଟାଇ ସୁସ୍ୱାଦୁ ଫଳ ବଣ୍ଟନ କରିଥିଲେ।

### ମା'ମଙ୍ଗଳାଙ୍କ ତୃତୀୟ ପଳିଯାତ୍ରା ଶେଷ

# ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା'



**ଗମ୍ଭାରୀପଦା/କାକଟପୁର, ୯।୪ (ସମିସ):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଚୈତ୍ରମାସ ତୃତୀୟ ପାଳିଯାତ୍ରା ଶେଷ ହୋଇଛି। ରାତ୍ର ଚାରି ଘଟିକା ଠାରୁ ମନ୍ଦିର ଖୋଲାଯାଇ ସ୍ନାନାମାର୍ଜନା, ଭିତରଶୋଧ କାରାଯାଇ ମା'ଙ୍କୁ ମୁଖ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ବଲ୍ଲଭ ଓ ସକାଳ ଧୂପ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ଧାଡିରେ ଯାଇ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।ଦିବା ୧ ଘଟିକା ସମୟରେ ଝଙ୍କଡ଼ରୁ ଆସିଥିବା ଘଣ୍ଟ ପାଟୁଆମାନେ ଘଣ୍ଟ ବଜାଇ ପ୍ରାଚୀନଦୀରୁ ଜଳ ତୋଳି ମା'ଙ୍କ ବେଢାରେ ଓ ବେଢା ବାହାରେ ମୁଣ୍ଡରେ ଘଟ ରଖି ପାଟୁଆ ନୃତ୍ୟ କରିଥିଲେ। ଦିବା ୩ ଘଟିକା ସମୟରେ ଦ୍ୱିପହର ଧୂପ ଓ ଭଅଣ୍ଡ ଧୂପ କାରାଯାଇ ପହୁଡ଼ ପଡିଥିଲା। ଅପରାହ୍ନ ୫ ଘଟିକା ସମୟରେ ସର୍ବସାଧାରଣଙ୍କ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ରାତ୍ର ୯ ଘଟିକା ସମୟରେ ରାତ୍ର ଧୂପ ଓ ବଡ଼ସିଂହାର ଅନୁଷ୍ଠିତ କାରାଯାଇ ପହୁଡ଼ ପଡିଥିଲା। କାକଟପୁର ଆଇଆଇସି ବିଜୟ କେତନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମନ୍ଦିର ବେଢାରେ ଓ ବାହାରେ ପୋଲିସ ମୁତୟନ କାରାଯାଇ ଭକ୍ତମାନଙ୍କୁ ଶାନ୍ତି ଶୃଙ୍ଖଳା ସହିତ ଦର୍ଶନ କରାଯାଇଥିଲା କ୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳା ବ୍ୟବସ୍ଥାକୁ ତଦାରଖ କରିବା ସହିତ ଭକ୍ତମାନଙ୍କୁ ଦହି ପଣା ବଣ୍ଟନ କରିଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ



**କୁଣ୍ଡେଇ, ୯।୪(ସମିସ):** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ହୋଇଯାଇଛି। ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ଦିନ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଏ। ଅବସରପ୍ରାପ୍ତ ଶିକ୍ଷକ ତଥା ପୁରୀ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟ ବାହକ ଅକ୍ଷୟ କୁମାର ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ହିନ୍ଦୁ ନବବର୍ଷର ମହତ୍ୱ ସମ୍ପର୍କରେ ବୁଝାଇ ଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନଚାର୍ଯ୍ୟ ଜୟନ୍ତୀବାଳା ନନ୍ଦଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟ କ୍ଷିରୋଦ ବାରିକ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଇଥିଲା।



# ଶ୍ରୀକ୍ଷେତ୍ର ସିଟି

୯/୪/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୯୫,୯୫୮/- ସୁନା: ୦୦.୧୨୦ ଗ୍ରାମ୍ ରୁପା: ୧୫.୭୫୦ ଗ୍ରାମ୍



### ବିଷାକ୍ତ ହେଉଛି ସମୁଦ୍ର ପାଣି

## ବେଳାଭୂମିରେ ଲାଗିଲେ ଜେଲିଫିସ୍



ପୁରୀ, ୯।୪(ସମିସ): ମୁହାଣ ଦେଇ ସମୁଦ୍ରରେ ମିଶୁଛି ବିଭିନ୍ନ ପ୍ରକାର ଦୂଷିତ ଜଳ। ଫଳରେ ବିଷାକ୍ତ ହେଉଛି ସମୁଦ୍ର ପାଣି। ଆଉ ଏହାର ପ୍ରଭାବ ପଡୁଛି ବିଭିନ୍ନ ସାମୁଦ୍ରିକ ଜୀବଙ୍କ ଉପରେ। ବିଭିନ୍ନ ସମୟରେ ବେଳାଭୂମିରେ ଏହାର ଦେଖିବାକୁ ମିଳୁଛି। ମଙ୍ଗଳବାର ଦିଗବାରିଣୀ ଛକ ନିକଟ ବେଳାଭୂମିରେ ବହୁ ସଂଖ୍ୟାରେ ଜେଲିଫିସ୍ ଲାଗିଥିଲେ। ଏମାନଙ୍କ ଭିତରୁ ସଂଖ୍ୟାଧିକ ମରିଥିବା ବେଳେ କାଁ ଭାଁ ଜୀବିତ ଥିବା ଦେଖିବାକୁ ମିଳିଥିଲା। ତେବେ ଏଭଳି ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶବିତ୍।

ଦିଗବାରିଣୀ ନିକଟ ବେଳାଭୂମିର ବିଭିନ୍ନ ସ୍ଥାନରେ ଜେଲିଫିସ୍ ଲାଗିଥିଲେ। ଏଭଳି ଜେଲିଫିସ ଲାଗିବା ସଂକ୍ରାନ୍ତରେ ପରିବେଶବିତ୍ କୁହନ୍ତି, ସମୁଦ୍ର ଭିତରେ ରେଡ୍ ଟାଇଡ୍ ଫେନୋମେନା ହେବାର ଏହା ଲକ୍ଷଣ। ନଦୀ ଜଳ ମୁହାଣ ଦେଇ ସମୁଦ୍ରରେ ମିଶୁଛି। ନଦୀ ଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଲେ ମୁହାଣ ଅଞ୍ଚଳରେ ଅମ୍ଳଜାନର ମାତ୍ରା କମିଯାଏ। ଫଳରେ ସେହି ଅଞ୍ଚଳର ସମୁଦ୍ର ଜଳ ବିଷାକ୍ତ ହୋଇଯାଏ। ଏହାକୁ ରେଡ୍ ଟାଇଡ଼୍ ଫେନୋମେନା କୁହାଯାଏ। କୌଣସି ଅଞ୍ଚଳରେ ରେଡ୍ ଟାଇଡ଼୍ ଫେନୋମେନା ହେଲେ ସେଠାରେ ଲୋୟର ଅର୍ଗାନିଜମ୍ ହଠାତ୍ ବୃଦ୍ଧିପାଆନ୍ତି। ଏହି କାରଣରୁ ଜେଲିଫିସ୍‌ଙ୍କ ସଂଖ୍ୟା ସମ୍ପୃକ୍ତ ଅଞ୍ଚଳରେ ବଢ଼ିଥାଏ। ତେବେ ଏଭଳି ସମୁଦ୍ର ପାଣି ବିଷାକ୍ତ ହେଲେ ମଣିଷ ଏବଂ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏହା ବିପଦ। ଏହି ଅଞ୍ଚଳରେ କୌଣସି ପ୍ରକାର ମାଛଙ୍କର ସମୂହ ମୃତ୍ୟୁ ଘଟିଥାଏ। ବର୍ତ୍ତମାନ ସମୁଦ୍ର ପାଣି ବିଷାକ୍ତ ଏଥିରୁ ସ୍ପଷ୍ଟ। ତେଣୁ ଏଠାରେ ଏବେ ସମୁଦ୍ର ସ୍ନାନ କରିବା ଅନୁଚିତ। ପର୍ଯ୍ୟଟକଙ୍କୁ ଏହି ଅଞ୍ଚଳକୁ ବର୍ତ୍ତମାନ ବାରଣ କରାଯିବା ଦରକାର। ଜେଲିଫିସ୍‌ର ଲାଳ ମଣିଷ ସଂସ୍ପର୍ଶରେ ଆସିବା ବି କ୍ଷତିକାରକ। କିନ୍ତୁ ଦିଗବାରିଣୀ ନିକଟରେ ଲାଗିଥିବା ଜେଲିଫିସ୍ ସଂସ୍ପର୍ଶରେ କୌଣସି ପର୍ଯ୍ୟଟକ ଆସି ନ ଥିଲେ। ଲାଇଫ୍‌ଗାର୍ଡମାନେ ପର୍ଯ୍ୟଟକଙ୍କୁ ନ ଲାଗିବା ପାଇଁ ସଚେତନ କରିଥିଲେ।

ତେବେ ବିଭିନ୍ନ ସମୟରେ ମଙ୍ଗଳା ମୁହାଣ ଏବଂ ବାଙ୍କୀ ମୁହାଣ ନିକଟ ଜଳ ପ୍ରଦୂଷିତ ହେଉଛି। ଯାହାକି ସବୁଠୁ ଉଦ୍‌ବେଗର ବିଷୟ। ମୂଷାନଦୀ ଦେଇ ବିଭିନ୍ନ ପ୍ରକାର ଆବର୍ଜନା ଜଳ ମଙ୍ଗଳା ମୁହାଣରେ ମିଶୁଛି। ସେହିପରି ସହରରୁ ବର୍ଷା ଜଳ ନିଷ୍କାସନ ପାଇଁ ଯେଉଁ ଡ୍ରେନ୍ ତିଆରି କରାଯାଇଛି ସେଥିରେ ଅନେକ ହୋଟେଲ ସେମାନଙ୍କ ସ୍ୱରେଜ ପାଇପ ସଂଯୋଗ କରିଥିବାରୁ ମଙ୍ଗଳା ମୁହାଣରେ ଆବର୍ଜନା ଜଳ ମିଶୁଛି। ବାଙ୍କୀ ମୁହାଣରେ ପାଣି ଠିକ୍ ଭାବେ ଟ୍ରିଟମେଣ୍ଟ ହେଉ ନ ଥିବାରୁ ଏଠାରେ ବି ପ୍ରଦୂଷିତ ଜଳ ସମୁଦ୍ରରେ ମିଶୁଛି। ଏହିପରି ଭାବେ ଦୂଷିତ ଜଳ ସମୁଦ୍ର ପାଣିକୁ ବିଷାକ୍ତ କରୁଛି, ଯାହାକି ଆଗକୁ ଆହୁରି ଭୟଙ୍କର ସ୍ଥିତି ସୃଷ୍ଟି କରିପାରେ ବୋଲି ମତ ଦେଇଛନ୍ତି ପରିବେଶବିତ୍।

### ପିଇଓଙ୍କୁ ତାଲା ପକାଇବା ମାମଲା

## ପୂର୍ବତନ ସରପଞ୍ଚ ଓ ପୂର୍ବତନ ୱାର୍ଡସଭ୍ୟଙ୍କୁ ଜରିମାନା

ନିମାପଡ଼ା, ୯।୪।(ସମିସ): ନିମାପଡ଼ା କୋର୍ଟ ପ୍ରଥମ ଶ୍ରେଣୀ ବିଚାରପତି ବ୍ରଜେଶ ମିଶ୍ର ପିଇଓଙ୍କୁ ତାଲା ପକାଇବା ମାମଲାର ବିଚାର କରି ୨ଜଣଙ୍କୁ ୧ ହଜାର ଟଙ୍କା ଲେଖାଏଁ ଜରିମାନା ସହ ଜରିମାନା ଅନାଦେୟ ୧୫ଦିନ ଜେଲଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୨୦୦୮ ମସିହାରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେତେ ବେଳର ସରପଞ୍ଚ ଓ ଜଣେ ୱାର୍ଡ ସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ବାହାର ପଟୁ ତାଲା ପକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଚାରିଛକ ପୁଲିସ ଖବର ପାଇ ସେଠାରେ ପହଞ୍ଚି ପିଇଓଙ୍କୁ ଉଦ୍ଧାର କରିଥିଲା। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦୀକ୍ଷିତ ଚାରିଛକ ଫାଣ୍ଡିରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲ। ଉକ୍ତ ମାମଲା ବିଚାର କରି ମଙ୍ଗଳବାର ନିମାପଡ଼ା ପ୍ରଥମ ଶ୍ରେଣୀ ବିଚାରପତି ବ୍ରଜେଶ ମିଶ୍ର ଦୁଇଜଣ ଦୋଷୀଙ୍କୁ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଦୁହିଁଙ୍କୁ ୧୫ ଦିନ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୦୮ ମସିହା ଡିସେମ୍ବର ୨୬ ତାରିଖରେ ତୁଳସୀପୁର ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦୀକ୍ଷିତ ଅଫିସ କାମ କରୁଥିବା ବେଳେ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ଓ ୱାର୍ଡସଭ୍ୟ ସୁରେନ୍ଦ୍ର ସାହୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାହାର ପଟୁ ତାଲା ପକାଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଉକ୍ତ ମାମଲାର ବିଚାର କରି ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉଭୟ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଓ ପୂର୍ବତନ ୱାର୍ଡସଭ୍ୟ ସୁରେନ୍ଦ୍ରକୁ ଦୋଷୀ ସାବ୍ୟସ୍ତ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ଆଇନ୍‌ଜୀବୀ ଶୈଳେନ୍ଦ୍ର ନାରାୟଣ ସାହୁ ପରିଚାଳନା କରିଥିଲେ।

### ଆର୍‌ଟିଓର ସ୍ପେଶାଲ ଡ୍ରାଇଭ

## ୮ ଦିନରେ ୨୬ ଲକ୍ଷ ଟଙ୍କା ଜରିମାନା ଆଦାୟ

ପୁରୀ, ୯।୪(ସମିସ): ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ୍ କରିବା ଲାଗି ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଅର୍‌ଟିଓ) ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଚାଲିଥିଲା। ଗତ ୧ରୁ ୮ ତାରିଖ ପର୍ଯ୍ୟନ୍ତ ପୁରୀ ସହର ଏବଂ ଜିଲ୍ଲାର ବିଭିନ୍ନ ଜାଗାର ଆଞ୍ଚଳିକ ପରିବହନ ବିଭାଗ ଏବଂ ପୁଲିସ ପକ୍ଷରୁ ଅଚାନକ ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟ ମଧ୍ୟରେ ୧୩ ଜଣ ମଦୁଆ ଚାଳକଙ୍କ ଗାଡ଼ିକୁ ଜବତ କରି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଧରପଗଡ଼ ବେଳେ ସମୁଦାୟ ୨୬ ଲକ୍ଷ ୭୩ ହଜାର ୩୨୭ ଟଙ୍କା ଜରିମାନା ଆଦାୟ କରଯାଇଥିବା ବେଳେ ବିନା ହେଲ୍‌ମେଟରେ ୯୩ ଜଣ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର କରୁଥିବା ୩ ଜଣ, ଅନ୍ୟାନ୍ୟ ଘଟଣାରେ ୨୧ ଜଣ, ଓଭର୍ ସ୍ପିଡ ପାଇଁ ୧୫୧ ଜଣଙ୍କ ସମେତ ମୋଟ ୨୮୧ଟି ଚାଲାଣ କଟାଯାଇଛି। ପରିବହନ ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶକ୍ରମେ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ପରାମର୍ଶ ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଆର୍‌ଟିଓ ରବିନ୍ ପଟ୍ଟନାୟକ,



ଏମ୍‌ଭିଆଇ ରାଜେଶ୍ କୁମାର ମହାପାତ୍ର, ସହକାରୀ ଏମ୍‌ଭିଆଇ ଅମିତ୍ କୁମାର ରଣା ଓ ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ପାତ୍ରଙ୍କ ସହିତ ପୁରୀ ଆଞ୍ଚଳିକ ପରିବହନ ବିଭାଗର ସମସ୍ତ କର୍ମଚାରୀ ସାମିଲ ଥିଲେ। ସେହିପରି ୮ ତାରିଖ ସୋମବାର ପୁରୀ ଆଞ୍ଚଳିକ ପରିବହନ ବିଭାଗ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅଚାନକ ଚଢ଼ାଉ କରି ବିଭିନ୍ନ କେସ୍‌ରେ ସମୁଦାୟ ୩ ଲକ୍ଷ ୪୭ ହଜାର ୯୦୨ ଟଙ୍କା ଜରିମାନା ଆଦାୟ କରିଛି। ସେମାନଙ୍କ ମଧ୍ୟରେ ବିନା ହେଲ୍‌ମେଟରେ ୧୪ ଜଣ, ଓଭର ସ୍ପିଡ୍‌ରେ ୧୮ ଜଣ, ମଦୁଆ ଚାଳକ ୫ ଜଣ, ମୋବାଇଲ ବ୍ୟବହାରକାରୀ ୨ ଜଣ ଓ ଅନ୍ୟାନ୍ୟ ଘଟଣାରେ ୭ ଜଣ ଏହିପରି ମୋଟ ୪୬ ଜଣଙ୍କ ଚାଲାଣ କଟା ଯାଇଛି। ଆଗକୁ ସହର ତଥା ଜିଲ୍ଲାର ବିଭିନ୍ନ ଜାଗାରେ ଏଭଳି ଅଚାନକ ଚଢ଼ାଉ ଜାରି ରହିବ ବୋଲି ଆର୍‌ଟିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗାଡ଼ି ଚାଳକ ଏଣିକି ସଚେତନ ଓ ସାବଧାନ ହୋଇ ସଡ଼କ ସୁରକ୍ଷା ଆଇନକୁ ମାନି ଗାଡ଼ି ଚଳାଇବା ସହିତ ନିଜର ବହୁ ମୂଲ୍ୟ ଜୀବନକୁ ସୁରକ୍ଷା ଦିଅନ୍ତୁ। ଏଥିସହିତ ରାସ୍ତାରେ ସଧାରଣ ଲୋକଙ୍କ ଜୀବନକୁ ସୁରକ୍ଷିତ ରଖିବା ଲାଗି ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି।

## ପୁରୀ ଆକାଶବାଣୀରେ ବୈଶାଖୀ ଆସର

ପୁରୀ, ୯।୪(ସମିସ): ଗ୍ରୀଷ୍ମଋତୁକୁ ନେଇ ପୁରୀ ଆକାଶବାଣୀରେ ସୋମବାର ବୈଶାଖି କବିତା ଆସର ଅନୁଷ୍ଠିତ ହୋଇଛି। ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ପୁରୀ ଆକାଶବାଣୀର ମୁଖ୍ୟ ମାନସ ନାୟକଙ୍କ ପରିଚାଳନାରେ ଏହି ଆସରକୁ ସଂଯୋଜନା କରିଥିଲେ ଗୀତିକାର ତଥା କଥାକାର ବଦ୍ରି ମିଶ୍ର। ବୈଶାଖକୁ ନେଇ ଅନୁଷ୍ଠିତ ଏହି ଆସରରେ ବର୍ଷିଆନ କବି ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, କବି ଅଧ୍ୟାପକ ପବିତ୍ର ମୋହନ ଦାଶ, କବୟିତ୍ରୀ ଶୈଳବାଳା ମହାପାତ୍ର ଓ ଡକ୍ଟର ସୁଚିତ୍ରା ରଥ ଯୋଗଦେଇ କବିତା ଉପସ୍ଥାପନା କରିଥିଲେ। ଆଗାମୀ ମହାବିଷୁବ ସଂକ୍ରାନ୍ତିରେ ଏହାକୁ ଆକାଶବାଣୀ ପ୍ରସାରଣ କରିବ ବୋଲି ମାନସ ନାୟକ ଓ ଦିଲ୍ଲୀପ ନାୟକ ଜଣାଇଛନ୍ତି।

### ଆର୍ଯ୍ୟସମାଜର ପ୍ରତିଷ୍ଠା ଦିବସ ସମାରୋହ

## ସମାଜ ସୁଧାର କ୍ଷେତ୍ରରେ ଆର୍ଯ୍ୟସମାଜ କ୍ରାନ୍ତିକାରୀ କାର୍ଯ୍ୟ କରିଆସୁଛି




ଭୁବନେଶ୍ୱର, ୯।୪ (ସମିସ): ସମାଜ ସୁଧାର କ୍ଷେତ୍ରରେ ଆର୍ଯ୍ୟସମାଜ କ୍ରାନ୍ତିକାରୀ କାର୍ଯ୍ୟ କରିଆସୁଛି। ରାଜନୈତିକ ପରାଧୀନତା, ଧାର୍ମିକ ଅନ୍ଧବିଶ୍ୱାସ ଏବଂ ସମସ୍ତ ପ୍ରକାର ସାମାଜିକ ପ୍ରତିବନ୍ଧକ ବିରୋଧରେ ଆର୍ଯ୍ୟସମାଜ ବହୁତ ଶକ୍ତ ଭାବେ କାର୍ଯ୍ୟ କରିଆସୁଛି। ଅସତ୍ୟକୁ ଛାଡ଼ିବା ଓ ଛଡ଼ାଇବାର ସଂକଳ୍ପ ନେଇ ଆଜି ମଧ୍ୟ ଆର୍ଯ୍ୟସମାଜ ଧାର୍ମିକ ଅନ୍ଧବିଶ୍ୱାସ ଓ ସାମାଜିକ କୁପ୍ରଥା ବିରୋଧରେ ନିଜର ସ୍ୱର ଉଠାଇ ଆଗକୁ ବଢ଼ି ଚାଲିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ଭୁବନେଶ୍ୱର ସହିଦନଗରସ୍ଥିତ ଆର୍ଯ୍ୟସମାଜ ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଓ ଆର୍ଯ୍ୟ ସମାଜ ପ୍ରତିଷ୍ଠା ଦିବସ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହା କହିଛନ୍ତି। ବିଶିଷ୍ଟ ବୈଜ୍ଞାନିକ ତଥା ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ ଡ. ଜ୍ଞାନଦେବ ମହାରଣା, 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ, ବେଦବିଦୂଷୀ ତଥା ଆର୍ଯ୍ୟ ସମାଜର ସହ ସମ୍ପାଦିକା ଶନ୍ନୋଦେବୀ, ତୀରତରଙ୍ଗ ସମ୍ପାଦିକା ବନ୍ଦନା ମିଶ୍ର ପ୍ରମୁଖ ଯୋଗଦେଇ ଆର୍ଯ୍ୟସମାଜର ଆଭିମୁଖ୍ୟ, ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ଚୈତ୍ର ଶୁକ୍ଳ ପ୍ରତିପଦାକୁ କାହିଁକି ସୃଷ୍ଟିର ପ୍ରାରମ୍ଭ ଦିବସ ବୋଲି ପାଳନ କରାଯାଏ, ସେ ବିଷୟରେ ମଧ୍ୟ ଅତିଥିମାନେ ଆଲୋଚନା କରିଥିଲେ। ସଭାପତି ଇଂ ପ୍ରିୟବ୍ରତ ଦାସ ଆର୍ଯ୍ୟସମାଜ ପ୍ରତିଷ୍ଠା ପଛରେ ଥିବା ଇତିହାସ ଓ ଏହାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଡଃ ମହାରଣା ଓ ତନୟା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଆର୍ଯ୍ୟସମାଜର ସମ୍ପାଦକ ବୀରେନ୍ଦ୍ର କରଙ୍କ ଲିଖିତ ପୁସ୍ତକ ଯଜ୍ଞପ୍ରକାଶଙ୍କ ଅନୁଦିତ ପୁସ୍ତକ 'ଶୁକ୍ରନୀତି' ଓ ରଶ୍ମିକ ଅଗ୍ନିହୋତ୍ରୀ ଓ ଅନୀତା ଆର୍ଯ୍ୟାଙ୍କ ସମ୍ପାଦନାରେ ପ୍ରକାଶିତ ପୁସ୍ତକ 'ବୈଦିକ ବିବାହ ଦିବସ ପଦ୍ଧତି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ବେଦପାଠ କରିଥିଲେ ସୁପ୍ରିୟା ରଥ ଓ ଲିତା ଦାସ।

## ସୃଷ୍ଟି ଆରମ୍ଭ ଦିବସ ପାଳିତ

ପୁରୀ, ୯।୪(ସମିସ): ସୁନାମଣି ଅଣୁ ପାଠାଗାର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଖୁଣ୍ଟିଆ ସାହିସ୍ଥିତ ପାଠାଗାର ପରିସରରେ ସୋମବାର ପାଳିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ବିଜୟଲକ୍ଷ୍ମୀ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାଠାଗାରର ପ୍ରତିଷ୍ଠାତା ଶିବ ସୁନ୍ଦର ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅତିଥିଭାବେ ସମାଜସେବୀ ବିଜୟ କୁମାର ପଣ୍ଡା, ଶିକ୍ଷାବିତ୍ ଦଶାରଥୀ ମହାପାତ୍ର, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ଭବାନୀ ମିଶ୍ର, ଶିଳ୍ପୀ ଲୋକନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମତପ୍ରକାଶ ପାଇଥିଲା ଯେ, ଏହି ଦିବସର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଆମର ସୃଷ୍ଟି କର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ। ଆଜି ହେଉଛି ସୃଷ୍ଟି ଆରମ୍ଭ ଦିବସ। ଆଜି ହେଉଛି ସତ୍ୟ ଯୁଗର ପ୍ରାରମ୍ଭ ଦିବସ। ଆଜି ହେଉଛି ସୃଷ୍ଟିର ପ୍ରାରମ୍ଭ। ଶହେ ସତାନବେ କୋଟି ଅଣତିରିଶି ଲକ୍ଷ ଅଣଚାଶ ହଜାର ଶହେ ପଚିଶି ବର୍ଷ ବୋଲି ଅଥର୍ବ ବେଦରୁ ଜଣାଯାଏ। ଏହିଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ। ତେଣୁ ଏହା ବ୍ରହ୍ମାଙ୍କ ଦ୍ୱାରା କାଳଗଣନାର ପ୍ରାରମ୍ଭ। ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଶ୍ୱାସତୀ ମିଶ୍ର, ସ୍ମିତା ପାତ୍ର, ସବିତା ପଣ୍ଡା, ଅନୁକୂଳ ଚନ୍ଦ୍ର ସେଠୀ, ହେମାଙ୍ଗିନୀ ମହାନ୍ତି, ପ୍ରଧାପାକ ଅଭିମନ୍ୟୁ ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।




## ମହିଳା ମହାସଂଘର ବାର୍ଷିକ ଉତ୍ସବ

ପୁରୀ, ୯।୪(ସମିସ): କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାସଂଘ ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ରାଣୀ ସତୀ ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ନିଜ କର୍ତ୍ତବ୍ୟ ପାଳନ କରି ସ୍ୱତନ୍ତ୍ର ପରିଚୟ ପାଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ମହାସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ବ୍ୟକ୍ତିବିଶେଷ ହେଲେ ଶେଖ୍ ବାବୁ, ଅଜଗର ଅଲ୍ଲୀ, ଦୟାନିଧି ବାରିକ, ହାଡ଼ିବନ୍ଧୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନୀଳକଣ୍ଠ ସାହୁ, ଲକ୍ଷ୍ମୀଧର ପ୍ରଧାନ, ବେଣୁଧର ସାହୁ, ଗୋପୀନାଥ ତ୍ରିପାଠୀ, ନାରାୟଣ ଦକ୍ଷିଣରାଏ, ନିରଣ ସେଠୀ ଓ ରାମଚନ୍ଦ୍ର ପାତ୍ର। ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ, କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘ ସମ୍ପାଦିକା ମାମିନା ସିହ୍ନା, ବୈଷ୍ଣବୀ ଏଏଲ୍‌ଏଫ୍‌ର ଅପର୍ଣ୍ଣା ଗୋଛାୟାତ, ପ୍ରତିଧ୍ୱନି ଏଲ୍‌ଏଫ୍‌ର ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିକ୍ରମ ବରାଳ, ସଂଯୁକ୍ତା ସ୍ୱାଇଁ, ଶୁଭଲକ୍ଷ୍ମୀ ରାୟ, ପୂର୍ଣ୍ଣିମା ସାହୁ, ନମିତା ମିଶ୍ର, ଝୁନା ସିଂ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଯୁବ କଂଗ୍ରେସର ବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଘୋଷିତ

ପୁରୀ, ୯।୪(ସମିସ): ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜୀତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମିଲିନ୍ଦ ଗୌତମ ଓ ପୁରୀ ଜିଲ୍ଲା ଯୁବ କଂଗ୍ରେସ ପ୍ରଭାରୀ ଗୋପନ ମାର୍ଥାଙ୍କ ସହମତି ଅନୁଯାୟୀ ଜିଲ୍ଲା ଯୁବ କଂଗ୍ରେସର ବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଛି। ଏହି ଘୋଷଣା ପତ୍ରରେ ୬ଜଣ ଜିଲ୍ଲା ଉପସଭାପତି ଆଦିତ୍ୟ ସାମନ୍ତରାୟ, ତ୍ରିଲୋଚନ ଜାଲି, ମନୋରଞ୍ଜନ ସେଠି, ସୁବାସ ବିଶ୍ୱାଳ, ମୀର ମୁବାରକ, ଜଗଦୀଶ ରାଉତଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ୧୦ ଜଣ ଅର୍ପିତ ଦିକ୍ଷୀତ, ମିହିର ବେହେରା, ରାକେଶ ପଟ୍ଟନାୟକ, ଅରମାନ ଭଦ୍ର, କ୍ଷୀରୋଦ ବିଶ୍ୱାଳ, ରାଜକିଶୋର ପ୍ରଧାନ, ସୁଜିତ ନାୟକ, ନରସିଂହ ପ୍ରସାଦ ନାୟକ, ପିତାମ୍ବର ରାଉତରାୟ, ପ୍ରସାଦ କୁମାର ନାୟକ ଏବଂ ୧୫ ଜଣ ସମ୍ପାଦକ ଲକ୍ଷ୍ମୀଧର ସେଠୀ, ଲକ୍ଷ୍ମୀକାନ୍ତ ନାୟକ, ପିଣ୍ଟୁ ସାହୁ, ଆକାଶ ଭୋଇ, ଏମ୍.ଡ଼ି ଅଜିଜୁଲା ସାହା, ଆକାଶ କୁମାର ପାଢ଼ୀ, ଦିଲ୍ଲୀପ କୁମାର ନାୟକ, ଓୟଶ କୁମାର ଜେନା, ପୁରୁଷୋତ୍ତମ ମହାନ୍ତି, ଲୋକନାଥ ନାୟକ, ନମନିତ ସାହୁ, ପ୍ରଭୁଦତ୍ତ ବିଶ୍ୱାଳ, ସନ୍ତୋଷ ବେହେରା, ଶେ୍ ରଣକ ଜମିର, ସୁମିତ ପାଲଙ୍କୁ ନେଇ ପୁରୀ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ କମିଟି ପ୍ରସ୍ତୁତ କରାଯାଇଛି।

## କଣାସରେ ବିଜେଡି ପ୍ରାର୍ଥୀଙ୍କ ବିଶାଳ ବାଇକ୍ ରାଲି

କଣାସ, ୯।୪(ସମିସ):ସାଧାରଣ ନିର୍ବାଚନ ପାଇଁ ପୁରୀ ଜିଲ୍ଲାର ୧୦୯ ନମ୍ବର ବିଧାନସଭା ଆସନ ସତ୍ୟବାଦୀ ପାଇଁ ବିଜେଡି ପକ୍ଷରୁ ସଞ୍ଜୟ କୁମାର ଦାସବର୍ମାଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ପୁରୀ ଲୋକସଭା ପାଇଁ ଅରୂପ ପଟ୍ଟନାୟକଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରଯାଇଥିବାରୁ ୨ ପ୍ରାର୍ଥୀ ଗତ ୭ ତାରିଖ ଦିନ ସତ୍ୟବାଦୀ ବ୍ଲକରେ ବିଶାଳ ବାଇକ୍ ଶୋଭାଯାତ୍ରା କରିଥିବା ବେଳେ ମଙ୍ଗଳବାର କଣାସ ବ୍ଲକରେ ସଂଜ୍ଞୟ କୁମାର ଦାସବର୍ମା ଓ ଅରୂପ ପଟ୍ଟନାୟକ ତ୍ରୀଲୋଚନପୁର ପଞ୍ଚାୟତର ତ୍ରୀଲୋଚନପୁର ବସଷ୍ଟାଣ୍ଡ ଠାରେ ପହଞ୍ଚିବା ପରେ ଉପସ୍ଥିତ ଥିବା ହଜାର ହଜାର ମହିଳା ଓ ପୁରୁଷ କର୍ମୀମାନେ ସେମାନଙ୍କୁ ଫୁଲମାଳ ଉପଢୌକନ ଦେଇ ସ୍ୱାଗତ କରିବାପରେ ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ କମ୍ପିଉଠିଥିଲା। ୫ହଜାରରୁ ଉର୍ଦ୍ଧ୍ୱ ବାଇକ୍ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀମାନେ ବସି ବିଜେଡି ଦଳର ପତକା ମାରି ନବୀନ ବାବୁଙ୍କ ଜିନ୍ଦାବାଦ ଧ୍ୱନି ଦେଇ ତ୍ରୀଲୋଚନପୁର ଠାରୁ କଣାସ ଅଭିମୁଖେ ବାହାରିଥିଲେ। ବଳାଜିତ୍‌ପୁର ଚାନ୍ଦପଡ଼ା, ଚଞ୍ଚେଇପଡ଼ା, ରାଣୀପଡ଼ା, ନୂଆପଡ଼ା, ଚାନ୍ଦପଡ଼ା, କଣାସ ବାଲିଘାଇ ଠାରେ ଗ୍ରାମବାସୀମାନେ ୨ ପ୍ରାର୍ଥୀଙ୍କୁ ଫୁଲମାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ୨ ପ୍ରାର୍ଥୀ କଣାସ ଅଞ୍ଚଳର ମା'କୁଞ୍ଜେଶ୍ୱରୀଙ୍କ ନିକଟକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ପୁନଶ୍ଚ କଣାସ ବସଷ୍ଟାଣ୍ଡ, ଗୋଲାବଜାର, ଦେଇ ଜିବା ସମୟରେ ଦୋକନ୍ଦା ସରପଞ୍ଚ ଇଶ୍ୱର ଶ୍ରୀଚନ୍ଦନ ଓ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ ତା ପରେ ୨ ପ୍ରାର୍ଥୀ ସଞ୍ଜୟ କୁମର ଦାସବର୍ମା ଓ ଅରୂପ ପଟ୍ଟନାୟକ ଦୟାନଦୀ ବନ୍ଧ ଦେଇ ଜଙ୍କିଆ ବଜାରକୁ ଜିବା ସମୟରେ ନୂଆଦୋକନ୍ଦା ଗ୍ରାମବାସୀ ଓ ବେଣାଗାଁ ଦୟାବିହାର ଗ୍ରାମବାସୀ ଦୁଇ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଙ୍କିଆଠାରେ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ୨ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିବାପରେ ଜଗନ୍ନାଥ ସଡକରେ ଗଡ଼ସାହି, କୋଟକଣା, ନନ୍ଦିଗୋଦା, ଦେଇ ବିଜିପୁର ବଜାରରେ ପହଞ୍ଚିବା ପରେ ସେଠାରୁ ଭଗବାତୀ ରୋଡ ଦେଇ ମା'ଭଗବତୀଙ୍କ ପୀଠସ୍ଥଳିରେ ବ୍ରହ୍ମପଡ଼ାରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ପହଞ୍ଚି ଥିଲେ। ୨ ନେତାଙ୍କ ସହିତ କଣାସ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଶୁଶିଲ ରାଉତ, କଣାସ ଅମ୍ବାର ଅଧକ୍ଷ ସଞ୍ଜୟ ଭୋଳ, କଣାସ ବ୍ଲକର ସମସ୍ତ ବିଜେଡି ସରପଞ୍ଚ, ସମିତିସଭ୍ୟ ଓ ବିଜେଡି ସନ୍ତୋଷ ଓ ଅସନ୍ତୋଷ ଥିବା ବିଜେଡିର ସମସ୍ତ କର୍ମୀମାନେ ରାଲିରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା।



# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଓଡ଼ଗାଁ, ୯।୪(ସିମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ପାଟଣାସାହିରେ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଆସୁଥିବା ହରିହର ନାୟକଙ୍କ ସ୍ତ୍ରୀ ରଞ୍ଜିତା ନାୟକ(୩୨)ଙ୍କୁ ଜୋର୍ ଜବରଦସ୍ତ ବିଷପାନ କରାଇ ମାରିଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାଇ ପ୍ରକୃତ ରହସ୍ୟ ପଦାକୁ ଆସିବ।ସୋମବାର ରାତିରେ ରଞ୍ଜିତା ବିଷପାନ କରିଥିବା ନେଇ ଜଣାପଡ଼ିବା ପରେ ତାଙ୍କ ଘରେ ଥିବା ଧଖୋଲା ଗାଁର ମୁନା ନାୟକ ଗୁରୁତର ଅବସ୍ଥାରେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ସାଙ୍ଗରେ ଝିଅ ଆସିଥିଲା। ଆବଶ୍ୟକ ପଡ଼ିବାରୁ ରଞ୍ଜିତାକୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନା ଓ ପରେ ଏମସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଙ୍ଗରେ ଯାଇଥିବା ମୁନା ନାୟକ ସେଠାରେ ରହିଲେ ନାହିଁ। ପରିବାର ଲୋକେ ମଧ୍ୟ ନଥିଲେ।ସୁରଟରେ ଥିବା ରଞ୍ଜିତାର ସ୍ୱାମୀ ପହଞ୍ଚିବା ପରେ ଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଯାଇଛି।ଗିରିଡିପଲ୍ଲି ପଞ୍ଚାୟତର ଧଖୋଲା ହେଉଛି ହରିହର ନାୟକଙ୍କ ସ୍ଥାୟୀ ଠିକଣା।ହରିହର ରାଜ୍ୟ ବାହାରେ ସୁରତରେ କାର୍ଯ୍ୟ କରନ୍ତି। ହରିହର ଓ ରଞ୍ଜିତାଙ୍କ ଗାଁ ଧଖୋଲାରେ।୨ ବର୍ଷ ହେଲା ରଞ୍ଜିତା ଓଡ଼ଗାଁରେ ରହୁଥିଲା।ଘରେ ଏବେ କେବଳ ନାବାଳକ ନାବାଳିକା ପୁଅ ଓ ଝିଅ ଅଛନ୍ତି।

# ଆଜି ଖଣ୍ଡପଡ଼ାରେ ଅଷ୍ଟଶମ୍ଭୁଙ୍କ ମହାମିଳନ

ଖଣ୍ଡପଡ଼ା, ୯।୪(ସମିସ): ଖଣ୍ଡପଡ଼ା ଏନ୍ଏସି ଅଧୀନ ମଧୁବନ କ୍ରୀଡ଼ାଙ୍ଗନରେ ଆସନ୍ତା ୧୦ ତାରିଖ ଅପରାହ୍ନରେ ଅଷ୍ଟଶମ୍ଭୁଙ୍କ ମହାମିଳନ ଅନୁଷ୍ଠିତ ହେବ ବୋଲି ଦଣ୍ଡ ବ୍ରତଧାରୀ ମନୋଜ କୁମାର ପାଲଙ୍କଠାରୁ ସୂଚନା ମିଳିଛି। ଦ୍ୱିତୀୟ ବାର୍ଷିକ ମହାମିଳନ ପର୍ବରେ ସ୍ଥାନାଧିପତି ଖଣ୍ଡପଡ଼ାର ଶ୍ରୀ ନୀଳକଣ୍ଠେଶ୍ୱରଦେବ ଏକ ସୁସଜ୍ଜିତ ବିମାନ ଯୋଗେ ସେଠାକୁ ଯିବେ ବୋଲି ମା' ବେଢ଼ାକାଳୀ ଦଣ୍ଡ କାମେନା ଭକ୍ତଙ୍କଠାରୁ ସୂଚନା ମିଳିଛି। ସେହିଭଳି ବେଣାଗାଡ଼ିଆ ଓ ଗୁଣ୍ଠୁଣି ଗ୍ରାମର ନୀଳକଣ୍ଠେଶ୍ୱରଦେବ, ମଙ୍ଗଳପୁର ଓ ରାଣୀପଡ଼ା ଗ୍ରାମର ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱରଦେବ, ଶିଖରପୁର ଗ୍ରାମର ପ୍ରଭୁ ଶ୍ରୀଲିଙ୍ଗରାଜଦେବ, ଖପରମଲ୍ଲ ଗ୍ରାମର ଶ୍ରୀଚନ୍ଦ୍ରଶେଖର ଦେବ, ବରପଲ୍ଲୀ ଗ୍ରାମର ଶ୍ରୀକପିଳେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ମେଳଣ ସ୍ଥଳକୁ ବିଜେ କରିବେ ବୋଲି ଜଣାପଡ଼ିଛି। ତେବେ ବିଗ୍ରହମାନଙ୍କ ମେଳଣ ହେବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ଲାଗି ଖଣ୍ଡପଡ଼ା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଥିବା ଜଣାପଡ଼ିଛି।

**● ମାନସିକ ରୋଗୀକୁ ପିଲାଚୋର ସଜାଇଲେ**

# ଉଦ୍ଧାର କରିବାକୁ ଯାଇଥିବା ପୁଲିସ ହଟହଟା

ଶରଣକୁଳ, ୯।୪(ସମିସ): ଶରଣକୁଳ ଥାନା ଅନ୍ତର୍ଗତ ଭାଲିଆଡିହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସୋମବାର ରାତିରେ ପିଲାଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖିବା ସହିତ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଖବରପାଇ ଶରଣକୁଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚ ଯୁବକଙ୍କୁ ଉଦ୍ଧାର କରିବାକୁ ଯାଇ ହଟହଟା ହୋଇଛି। ଗ୍ରାମବାସୀମାନେ ପୁଲିସ ଗାଡ଼ିକୁ ଅଟକାଇବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଥିଲେ। ସୂଚନାଯୋଗ୍ୟ, ସୋମବାର ରାତିରେ ଭାଲିଆଡିହି ଅଞ୍ଚଳରେ ଜଣେ ଯୁବକ ବୁଲୁଥିବା ବେଳେ ତାର କଥାବାର୍ତ୍ତାରେ ତାଳମେଳ ନହେବାରୁ ଗ୍ରାମବାସୀମାନେ ପିଲାଚୋର ଭାବି ସନ୍ଦେହ କରିଥିଲେ। ଲୋକମାନେ ଯୁବକଙ୍କୁ ଅଟକାଇ ଖାନତଲାସୀ କରିବା ପରେ ତାଠାରୁ ଏକ ବ୍ଲେଡ ଓ ଛୁରୀ ପାଇବା ପରେ ସନ୍ଦେହ ବଢ଼ିଥିଲା। ଗ୍ରାମବାସୀମାନେ ମେଳିବାନ୍ଧି ଯୁବକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଏକ ଗଛରେ ବାନ୍ଧି ମାଡ ମାରିବା ସହିତ ପ୍ୟାଣସାର୍ଟ ଚିରି ଦେଇଥିଲେ। ଖବରପାଇ ଶରଣକୁଳ ଥାନା ଅଧିକାରୀ ପୁଷ୍ପଲତା ବେହେରା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚ ଯୁବକଙ୍କୁ ଉଦ୍ଧାର କରିବା ସମୟରେ ଉତ୍ୟକ୍ତ ଲୋକେ ପୁଲିସକୁ ଛାଡିନଥିଲେ। କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ ଗାଡିକୁ ଅଟକାଇବା ସହିତ ଗାଡି ଆଗରେ ବସିଥିଲେ। କିଛି ସମୟ ପର୍ଯ୍ୟନ୍ତ ଅପ୍ରିତିକର ପରିସ୍ଥିତି ଦେଖା ଦେଇଥିଲା। ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ଗ୍ରାମବାସୀମାନେ ପୁଲିସ ଗାଡିକୁ ଛାଡି ଦେଇଥିଲେ। ପୁଲିସ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେ ଜଣେ ମାନସିକ ରୋଗୀ ବୋଲି ଜଣାପଡ଼ିଥିଲା। ଯୁବକଙ୍କ ଘର ଗଞ୍ଜାମ ଜିଲ୍ଲା ବୁଗୁଡା ଥାନା ଅଞ୍ଚଳରେ ବୋଲି ଯୁବକ କହିଥିଲେ। ମଙ୍ଗଳବାର ସକାଳୁ ଯୁବକଙ୍କୁ ପୁଲିସ ସହାୟତାରେ ବୁଗୁଡା ଗ୍ରାମରେ ଛାଡି ଦେଇଥିବା ଜଣାପଡ଼ିଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୁଲିସ କହିଛି।

**ନୟାଗଡ଼ ନିର୍ବାଚନ ମଣ୍ଡଳୀ**

# ବିଜେପି ରାସ୍ତାରେ କଣ୍ଟା ସାଜିବ କଂଗ୍ରେସ

**● ବିଧାୟକ ଅରୁଣଙ୍କ ପାଇଁ ରାସ୍ତା ଫାଙ୍କା**

ନୟାଗଡ଼, ୯।୪(ସମିସ):

ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅପାରଜୟ ନେତା ଡ. ଅରୁଣ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ବିଜେଡି ପ୍ରାର୍ଥୀ ଘୋଷଣା କରିଛନ୍ତି। ବିଜେପି ନେତ୍ରୀ ଇରାନୀ ରାୟ ବିଜେଡିରେ ଯୋଗ ଦେଇ ନୂଆ ସେନାପତି ସାଜିଛନ୍ତି। ବିଜେପି ସଂଗଠନ ଦିନକୁ ଦିନ ରସାତଳକୁ ଯାଉଥିବା ବେଳେ ବିଜେପି ନେତୃତ୍ୱଙ୍କ ପାଇଁ ଏହା ଚିନ୍ତାଜନକ ସାଜିଛି। କଳେବଳେ କୌଶଳେ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ବିଜୟୀ ହେବାର ଆଶା ରଖୁଥିବା ବେଳେ ନୟାଗଡ଼ ଓ ରଣପୁର ବିଜେପିର ଉଜୁଡା ସଂଗଠନ ତାଙ୍କ ପାଇଁ ବାଧକ ସାଜିବ ବୋଲି ଆଲୋଚନା ହେଉଛି। ଯାହାକୁ ନେଇ ସମ୍ବିଦଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଉଭା ହେବାର ସମ୍ଭାବନା ରହିଛି। ବିଧାୟକ ପ୍ରାର୍ଥୀଙ୍କୁ ଛାଡି ବିଜେପି ସାଂସଦ ପ୍ରାର୍ଥୀ ନିଜ ପାଇଁ ଭୋଟ ଯୋଗାଡ କରିବା ଚିନ୍ତାଧାରାରେ ରହିଥିବା ବିଜେପି କର୍ମୀ ମହଲରେ ଆଲୋଚନା ହେଉଛି। ରଣପୁରରେ ସୁରମା ଏବଂ ନୟାଗଡ଼ ଇରାନୀ ବିଜେପି ପାଇଁ କଣ୍ଟ ସାଜିଥିବା ବେଳେ ଅସନ୍ତୁଷ୍ଟ ବିଜେପି ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଯୋଜନାରେ କଂଗ୍ରେସ ରହିଥିବା ଆଲୋଚନା ହେଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଆଗାମୀ ସାଧାରଣ ନିର୍ବାଚନରେ ୨ ଲକ୍ଷ ୧୪ ହଜାରରୁ ଉର୍ଦ୍ଧ୍ୱ ଭୋଟର ମତଦାନ କରିବେ ବୋଲି ରହିଛି। ଏହି ଭୋଟରଙ୍କ ମଧ୍ୟରୁ ମହିଳା ଓ ଯୁବ ଭୋଟରଙ୍କୁ ବିଜେଡି ନିଜ ଆଡକୁ ଆକର୍ଷିତ କରୁଛି। ମହିଳା ଓ ଯୁବ ଭୋଟରଙ୍କ ବଳ ବିଜୁ ଜନତା ଦଳକୁ ଅଧିକ ଦୃଢ଼ତା ଦେବ ବୋଲି ଆଶା କରାଯାଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ଆଗାମୀ ନିର୍ବାଚନରେ ସଂଖ୍ୟାଧିକ ଭୋଟ ବ୍ୟବଧାନରେ ବିଜୟୀ ହେବାକୁ ଆଶା ରଖିଛି। ନୟାଗଡ଼ ବ୍ଲକର ୨୯ଟି ପଞ୍ଚାୟତ, ନୟାଗଡ଼ ପୌରପରିଷଦ, ଓଡଗାଁ ବ୍ଲକର ୧୮ଟି ପଞ୍ଚାୟତ ଏବଂ ଓଡଗାଁ ଏନ୍ଏସି ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେଡି ବିକାଶ ଓ ଉନ୍ନତୀକୁ ମୁଦ୍ଦା କରୁଛି। ନୟାଗଡ଼ ଜିଲ୍ଲାର କୌଣସି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଭିନ୍ନ ରାଜନୀତି ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଗତ ସାଧାରଣ ନିର୍ବାଚନରେ ୪ ହଜାର ୨ ଶହ ଭୋଟ ପାଇଁ ନିଜର ଅସ୍ତିତ୍ୱ ହରାଇଥିବା ବେଳେ ଏଥର ଏଥିରେ ସୁଧାର ଆଣିବା ପାଇଁ ପ୍ରୟାସ ଚାଲିଥିବା ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ପକ୍ଷରୁ ସୂଚନା ମିଳିଛି।

**ଛାତ୍ର ବିଜେଡି ନିର୍ବାଚନ ପ୍ରସ୍ତୁତି**

# ଜନକଲ୍ୟାଣକାରୀ ଯୋଜନା ସଚେତନତାକୁ ଗୁରୁତ୍ୱ



ନୂଆଗାଁ, ୯।୪(ସମିସ): ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ନୂଆଗାଁ ବିଜୁ ଛାତ୍ର ଜନତା ଦଳ ତରଫରୁ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କିଭଳି ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଖରେ ପହଞ୍ଚିବା ସହ ବିଜୁ ଜନତା ଦଳ ସପକ୍ଷରେ କିଭଳି ବହୁମାତ୍ରାରେ ଜନମତ ଆସିବ ଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ବ୍ଲକ ବିଜେଡ଼ି ସଭାପତି ସନାତନ ସାମଲ, ଆମା ଅଧ୍ୟକ୍ଷ ସଞ୍ଜୟ କୁମାର ସାହୁ, ଜିଲ୍ଲା ବିଜେଡ଼ି ଉପ ସଭାପତି ଦିଲ୍ଲୀପ କୁମାର ଦଳବେହେରା, ରାଜ୍ୟ ଜେନେରାଲ ସେକ୍ରେଟାରୀ ଉପ ସଭାପତି ଭାଇସ୍ ଚିନ୍ମୟୀ କୁମାର ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ସେନାପତି, ଯୁବ ଉପ ସଭାପତି ସଞ୍ଜୀବ କୁମାର ଡାକୁଆ, ବ୍ଲକ ଛାତ୍ର ବିଜେଡି ସଭାପତି ସୁବ୍ରତ ପରିଡ଼ା, ଦଶପଲ୍ଲା ବିଜେଡି ଛାତ୍ର ସଭାପତି ସୁଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ବେହେରା ବିଜୁ ଛାତ୍ର ଜନତା ଦଳର ପ୍ରତ୍ୟେକ କର୍ମୀ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସଶକ୍ତ ଓ ଆଧୁନିକ ଓଡ଼ିଶା ଗଠନ କରିବା ଦିଗରେ ସର୍ବଦା କାର୍ଯ୍ୟ କରିବେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ କୁମାର ପଡ଼ିଆରି।

# ଆର୍ଯ୍ୟ ସମାଜ ଯଜ୍ଞଶାଳା ପ୍ରତିଷ୍ଠା



ଓଡ଼ଗାଁ, ୯।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଆରଡା ପଞ୍ଚାୟତ ନୟାଗଡ଼- ଭଞ୍ଜନଗର ରାଜ୍ୟ ସଡକପଥ ପାର୍ଶ୍ୱରେ ଥିବା ଆର୍ଯ୍ୟ ସମାଜ ପରିସରରେ ନିର୍ମାଣ ହୋଇଥିବା ନୂତନ ଯଜ୍ଞଶାଳାର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ଏବଂ ହିନ୍ଦୁ ନବବର୍ଷ ଅବସରରେ ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ନିରୁପମା ଖଟେଇ ଏବଂ ସୁନିଲ ଦୋରା, ବିଜୟଲକ୍ଷ୍ମୀ ଦୋରା ୨ ଦମ୍ପତି ଯଜମାନ ଭାବେ ଯୋଗ ଦେଇଥିବା ବେଳେ ରଘୁନାଥ ନାୟକ ଏବଂ କିଶୋର ଚନ୍ଦ୍ର କର ଆର୍ଯ୍ୟ ସମାଜ ବୈଦିକ ସଂସ୍କୃତି ଓ ପରମ୍ପରାକ୍ରମେ ପ୍ରତିଷ୍ଠା ଓ ଯଜ୍ଞକାର୍ଯ୍ୟ ସଞ୍ଚାଳନ କରିଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମାଜସେବୀ ସୂର୍ଯ୍ୟନାରାୟଣ ଚୌଧୁରୀ ଏବଂ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖଙ୍କ ସହିତ ଆର୍ଯ୍ୟ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱାସ କରୁଥିବା ନୟାଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଅନୁଗାମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସକାରାକେ ଚିନ୍ତାଧାରା ଓ ବିଶ୍ୱାସ ସମାଜରେ ଶାନ୍ତି ପ୍ରତିଷ୍ଠାର ଶ୍ରେଷ୍ଠ ଉପାୟ ବୋଲି ଉପସ୍ଥିତ ସଭା ସଜ୍ଜନମାନଙ୍କୁ ଆପଣାଇବାକୁ ନିବେଦନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା କାର୍ଯ୍ୟ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ହରିହର ପରିଡ଼ା ସହଯୋଗ କରିଥିଲେ।

**ପର୍ଯ୍ୟବେକ୍ଷକ ଅମିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

# ବିଜେଡି ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ





ଖଣ୍ଡପଡ଼ା/ଭାପୁର, ୯।୪(ସମିସ): ବିଜେଡ଼ି ସୁପ୍ରିମୋ ତଥା ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନବନିଯୁକ୍ତ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅମିତ କୁମାର ମଲ୍ଲିକ ମଙ୍ଗଳବାର ଖଣ୍ଡପଡ଼ା ଗସ୍ତରେ ଆସି ପ୍ରଥମେ ଫତେଗଡ଼ ସ୍ଥିତ ଶ୍ରୀରାମ ପାହାଡରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ପରେ ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ସୋମନାଥଦେବଙ୍କ କଲ୍ୟାଣ ମଣ୍ଡପ ପରିସରରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଶ୍ରୀ ମଲ୍ଲିକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ବିଜେଡ଼ି ସଭାପତି ଶିବପ୍ରସାଦ ଷଡଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ସଂଗଠକ ସନ୍ତୋଷ କୁମାର ତ୍ରିପାଠୀ, ମହିଳା ସଭାନେତ୍ରୀ ମିନତୀ ସାହୁ, କବିତା ମହାରଣା ଜିଲ୍ଲା ବିଜେଡ଼ି ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଅଖିଳ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ୪୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ, ଯୁବ, ଛାତ୍ର ସଭାପତିଙ୍କ ସମେତ ବହୁ ଛାମୁଆ କର୍ମୀ ଯୋଗଦେଇଥିଲେ। ସେହିପରି ଭାପୁର ହନୁମାନ ମନ୍ଦିର ପରିସରରେ ଜିଲ୍ଲା ବିଜେଡ଼ି ଉପସଭାପତି ଗୟାଧର ପରିଡ଼ାଙ୍କ ନେତୃତ୍ୱରେ ଶ୍ରୀ ମଲ୍ଲିକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁଙ୍କ ସମେତ ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ଜିତେନ୍ଦ୍ର କୁମାର ରଣସିଂହ, ରବୀନ୍ଦ୍ର ପଟ୍ଟନାୟକ, ମାଟିଆ ସ୍ୱାଇଁ ପ୍ରମୁଖ ଯୋଗଦେବା ସହ ବିଭିନ୍ନ ପଞ୍ଚାୟତର ଶହଶହ କର୍ମୀ ଉପସ୍ଥିତ ଥିଲେ। ତେବେ ପୃଥକ ଭାବରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ସମସ୍ତେ ଏକାଠି ହୋଇ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ପୁନର୍ବାର ଲକ୍ଷାଧିକ ଭୋଟରେ ବିଜେଡ଼ି ପ୍ରାର୍ଥୀକୁ ବିଜୟ ଲାଭ କରିବା ନେଇ ଆଲୋଚନା କରିଥିଲେ।

**ପନ୍ଦର ବର୍ଷ ହେଲା ସମସ୍ୟା ସୁଧୁରୁନି**

# ପାନୀୟ ଜଳରୁ ବଞ୍ଚିତ ସୁନାଖଳାଗ୍ରାମବାସୀ

ଭାପୁର, ୯।୪(ସମିସ):

ରାଜ୍ୟ ସରକାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦେଇ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ଲୋକମାନେ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ବିଭାଗୀୟ ଯନ୍ତ୍ରୀ ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଠାରେ ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମ କଥା ଆଲୋଚନା କରାଯାଇପାରେ। ଗ୍ରାମଟି ଦୁଇ ୱାର୍ଡ ବିଶିଷ୍ଟ। ଏଠାରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ଗ୍ରାମକୁ ବିଜିପୁର ପମ୍ପହାଉସରୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ଗ୍ରାମର ଦୁଇ ସାହିରେ ପାଞ୍ଚଟି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇ ପାନୀୟ ଜଳ ଯୋଗାଣ କରାଯାଇଥିଲା। ପାଞ୍ଚ ଛ ମାସ ଜଳ ଯୋଗାଣ ପରେ ବିଜିପୁର ବଜାର ନିକଟରେ ପାଇପ୍ ଖରାପ ହେବାରୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଥିଲା। ସେବେଠାରୁ ଦୀର୍ଘ ପନ୍ଦର ବର୍ଷ ହେଲା ଏହାର ମରାମତି କରାଗଲା ନାହିଁ କି ଜଳ ଯୋଗାଣ ହେଲା ନାହିଁ। ଗ୍ରାମବାସୀମାନେ ବାରମ୍ବାର ବିଡିଓ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କୁ ଲିଖିତ ମୌଖିକ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହା ମଧ୍ୟରେ ପାଞ୍ଚ ଛ ଜଣ ବିଡିଓ ଓ ତିନି ଜଣ ଜଳଯୋଗାଣ ଯନ୍ତ୍ରୀ ଆସି ବଦଳି ହୋଇ ଗଲେଣି ହେଲେ ଗ୍ରାମବାସୀଙ୍କ ସମାସ୍ୟାର କୌଣସି ସମାଧାନ ହେଲାନାହିଁ। ରାଜନୈତିକ ହୀନମନ୍ୟତା ଓ ପ୍ରଶାସନିକ ଅପାରଗତାର ଶିକାର ହୋଇ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନପାଇ ସୁନାଖଳା ଗ୍ରାମବାସୀ ହତାଶ ହୋଇ ଭାଗ୍ୟକୁ ଆଦରି ରହିଛନ୍ତି। ଏହି ସମୟରେ ଗ୍ରାମର ନାରାୟଣ ରାଉତରାୟ ନାମକ ଜଣେ ବ୍ୟକ୍ତି ନିଜ ବାଡିରେ ଏକ ବୋରିଙ୍ଗ କରି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ଏନେଇ ଭାପୁର ବିଡିଓ ରଣଜିତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ପରେ ବିଭାଗୀୟ ଯନ୍ତ୍ରୀ ସ୍ୱାଧିନ ପାଣିଗ୍ରାହୀ ଗ୍ରାମକୁ ଯାଇ ପାନୀୟ ଜଳ ସମାସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଆଜି ପର୍ଯ୍ୟନ୍ତ ଦେଇଥିବା କଥା ଭୂଲି ଯାଇଛନ୍ତି।



# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଖଣ୍ଡପଡ଼ା, ୯।୪(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡ଼ା ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅମିତି କୁମାର ମଲ୍ଲିକ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବନମାଳିପୁର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ଅଖିଳ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ସର୍ବେଶ୍ୱର ସ୍ୱାଇଁ, ଯୁବ ସଂଗଠକ ସରୋଜ କୁମାର ପଣ୍ଡାଙ୍କ ସମେତ ବହୁ ସଂଖ୍ୟାରେ ଛାମୁଆ କର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ।

● ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲା

## ଦୋଷୀକୁ ୧୦ ବର୍ଷ ଜେଲ୍

**ଜଟଣୀ, ୯।୪(ସମିସ):** ଜଟଣୀ ଥାନା କୁଦିଆରି ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିବା ଘଟଣାରେ ଭୁବନେଶ୍ୱର ପୋକସୋ କୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ୪ବର୍ଷ ପରେ ଅଭିଯୁକ୍ତ ନାରାୟଣ ଭୋଇ ଓରଫ୍ ଅମନଙ୍କୁ ୧୦ବର୍ଷ ଜେଲ ସହ ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ମସିହାରେ ନାବାଳିକା ସକାଳ ଟ୍ୟୁସନ୍ ଯାଇ ଆଉ ଘରକୁ ଫେରି ନଥିଲେ। ଖୋଜା ଖୋଜି ପରେ ନପାଇବାରୁ ଝିଅର ମୋବାଇଲ ଫୋନ୍ ଯାଞ୍ଚ କରିଥିଲେ। ମେସେଜ ବକ୍ସରେ ଅଭିଯୁକ୍ତ ବିଷୟରେ ଜାଣିବା ପରେ ବାଙ୍କି ସ୍ଥିତ ତାଙ୍କ ଭଡ଼ା ଘରକୁ ଯାଇ ଅଭିଯୁକ୍ତର ମା'ଙ୍କୁ ପଚରାଉଚରା କରିଥିଲେ। ସେଠାରେ ଅଭିଯୁକ୍ତ ଝିଅକୁ ଅପହରଣ କରି ନେଇଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ ଥାନାରେ କେସ ନଂ ୨୩୩/୨୦ରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ପାଇଁ ଏସଆଇ ସୁଚିସ୍ମିତା ଖଣ୍ଡେଇ ଓ ବିମଳାନନ୍ଦ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ଜାରି ରହିଥିବା ମଙ୍ଗଳବାର ଅଭିଯୁକ୍ତକୁ ଗିରଫ କରିବା ସହ ପୀଡ଼ିତା ନାବାଳିକାକୁ ଉଦ୍ଧାର କରି ଉଭୟଙ୍କ ଡାକ୍ତରୀ ମଇନା କରିଛି ପୁଲିସ। ମଙ୍ଗଳବାର କୋର୍ଟରେ ଶୁଣାଣି ଥିବା ବେଳେ ଅଦାଲତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଦୋଷୀ ଅମନକୁ ୧୦ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି।

## ୧୪୭ ଲିଟର ଦେଶୀ ମଦ ଜବତ, ବେପାରୀ ଗିରଫ

**ବେଗୁନିଆ, ୯।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଥାନା ଅଧିକ୍ଷିକା ସୁମତି ତ୍ରିପାଠୀ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପୁଲିସ ଦୁଇଟି



ସ୍ଥାନରେ ଚଢ଼ଉ କରି ୧୪୭ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ସୂଚନା ଦେଇଛନ୍ତି। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ସାନପଦର ଗ୍ରାମର ପ୍ରତିମା ମାର୍ଥାଙ୍କ ଠାରୁ ୭ ଲିଟର ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ରାସୋଳ ଗ୍ରାମର ଦେଶୀ ମଦ ବେପାରୀ ରଜନୀକାନ୍ତ ପାଇକରାୟଙ୍କ ସହଯୋଗୀ ବିରାଟ କେଶରୀ ବାରିକଙ୍କ ଠାରୁ ୧୪୦ ଲିଟର ଦେଶୀ ମଦ ଜବତ କରିବା ସହ ବ୍ୟବହୃତ ଏକ ସ୍କୁଟିକୁ ଜବତ କରିଛି।

## ନିଖୋଜ ଗଗନଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା, ୯।୪(ସମିସ):** ଗତ ୨୮ ତାରିଖରୁ ନିଖୋଜ ଥିବା ଜଟଣୀ ଥାନା ବଡତୋଟା ଗ୍ରାମର ଗଗନ ବିହାରୀ ମହାକୁଡ଼ (୫୦)ଙ୍କ ଝୁଲନ୍ତା ମୃତଦେହକୁ ଆଦର୍ଶଥାନା ପୁଲିସ ମଙ୍ଗଳବାର ପାଇକତିଗିରିଆ- ଗୁରୁଜଙ୍ଗ ମଝିରେ ଥିବା ଜଙ୍ଗଲ ବିଭାଗର ହାଇଟେକ ନର୍ସରୀ ଜଙ୍ଗଲରୁ ଉଦ୍ଧାର କରିଛି। ସେ ଘରୁ ଯାଇଥିବା ବେଳେ ପିନ୍ଧି ଥିବା ଗଞ୍ଜିକୁ ପାଖରେ ଏକ ଗଛରେ ଟଙ୍ଗାଇ ଦେଇ ଆମ୍ହତ୍ୟା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଆଦର୍ଶ ଥାନା ପୁଲିସ ଘଟଣା ସ୍ଥଳ ରେ ପହଁଞ୍ôଚ ଶବଜବତ କରି ପରିବାରକୁ ଜଣାଇ ବ୍ୟବଚ୍ଛେଦ ପାଇଁ ପାଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

## ବ୍ରାଉନସୁଗର ଜବତ, ୩ ଗିରଫ

**ଜଟଣୀ, ୯।୪(ସମିସ):** ଜଟଣୀ ଥାନା କୁଦିଆରି ଏଫ୍ ସିଆଇ ଗୋଡାଉନ୍ ନିକଟରେ ବ୍ରାଉନସୁଗର୍ ବେପାର ବେଳେ ପୁଲିସ ଚଢ଼ଉ କରି ୩ଜଣ ବେପାରୀଙ୍କୁ ଗିରଫ



କରିଛି ପୁଲିସ। ଗିରଫ ଅଭିଯୁକ୍ତ ପିପିଲି ଅଞ୍ଚଳର ସବିର ଅଲ୍ଲୀ ଖାନ ଓରଫ୍ ସବିର (୪୦), ବଡ଼ ମସଜିଦ୍ ସାହିର ଜମିର ଖାନ ଓରଫ୍ ଜମିର (୩୦) ଓ ରଥିପୁର ଟାଙ୍ଗି ସାହିର ମହମ୍ମଦ ରାଜୁ ଓରଫ୍ ରାଜୁ (୨୮)। ସେମାନଙ୍କ ନିକଟରୁ ୩୦ ଗ୍ରାମର ବ୍ରାଉନ ସୁଗର, ୨ଟି ମୋବାଇଲ୍, ଦୁଇଟି ଗାଡ଼ି ଓ ନଗଦ ୮୫୦ ଟଙ୍କା ଜବତ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ଏଫ୍ ସିଆଇ ଗୋଡାଉନ୍ ନିକଟରେ ଅଭିଯୁକ୍ତମାନେ ବ୍ରାଉନସୁଗର ବେପାର ଅପେକ୍ଷାରେ ଥିଲେ। ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ୩ ଜଣ ବେପାରୀଙ୍କୁ କାବୁ କରିବା ସହ ସେମାନଙ୍କୁ ନିକଟରୁ ବ୍ରାଉନ ସୁଗର ଜବତ କରାଯାଇଥିଲା। ଅଧିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି ଏଠାରେ ଦୀର୍ଘ ଦିନ ହେଲା ବିକ୍ରି କରି ଆସୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏନେଇ ଥାନାରେ କେସ ନଂ ୧୫୭/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

# 'ଜଟଣୀର ବିକାଶ ପାଇଁ ବିଜେଡି ସଂକଳ୍ପବଦ୍ଧ'

**ଜଟଣୀ, ୯।୪(ସମିସ)**

ନିର୍ବାଚନ ଯେତେ ପାଖେଇ ଆସୁଛି ଜଟଣୀ ନିର୍ବାଚନ ଉଷ୍ମତା ସେତେ ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୁବନେଶ୍ୱର ଲୋକସଭାପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ଜଟଣୀ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ବିଜେଡି ସଭାପତି ବିଭୁତିଭୂଷଣ ବଳବନ୍ତରାୟଙ୍କ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ମା'ଉତ୍ତରାୟଣୀ ପୀଠରୁ ପୂଜାର୍ଚ୍ଚନାକରିବା ସହିତ ଜଟଣୀର ଉନ୍ନତି କାମନାକରି ଶତାଧୀକ ସମର୍ଥକଙ୍କ ସହିତ ପୌରାଞ୍ଚଳ ଅଧିନସ୍ଥ ୱାର୍ଡ ନଂ ୧୪ ଓ ୧୫ର ବିଭିନ୍ନ ବ୍ୟକ୍ତିଙ୍କ ସହିତ ଭେଟି ନିକଟସ୍ଥ ଟାଉନହଲଠାରେ ପହଁଞ୍ଚି ଥିଲେ। ଜଟଣୀର ବିକାଶଲାଗି ଏକମାତ୍ର ଦଳ ବିଜେଡି ତୃଣମୁଳସ୍ତରରେ ସଙ୍କଳ୍ପବଦ୍ଧ ବୋଲି



କହିଥିଲେ। ଦେଶର ୧ନଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ପରିସରକୁ ଆସୁଥିବା ବିଭିନ୍ନ ଯୋଜନାକୁ ଆଧାରକରି ସାଧାରଣ ନିର୍ବାଚନଲାଗି ବିଜେଡି ପ୍ରଚାର ମୁଳଦୁଆ ପକାଇଛି। ଲୋକସଭା ପ୍ରାର୍ଥୀଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କ୍ୟାପଟେନ ମନ୍ମଥ ରାଉତରାୟଙ୍କୁ ବାଛିଥିବା ବେଳେ ଜଟଣୀର ବିକାଶଲାଗି ପରିଚିତ ଚେହେରା ତଥା ବିଜେଡି ଜିଲ୍ଲା ସଭାପତି ବିଭୁତି ବଳବନ୍ତରାୟଙ୍କୁ ମଧ୍ୟ ଚୟନ କରିଛନ୍ତି। ତେଣୁ ଯୋଡି ଶଙ୍ଖରେ ଭୋଟଦେବାଲାଗି ଆଜିର ଜନସମ୍ପର୍କ ପଦଯାତ୍ରାରେ ଉଭୟେ ଆଶାୟୀ ପ୍ରାର୍ଥୀ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଏହି ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଜିଲ୍ଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, ଜିଲ୍ଲା ସମ୍ପାଦକ ଅନନ୍ତ ଶତପଥୀ, ସମାଜସେବୀ ଚିତନ ଦଳେଇ, ବିଜେଡି ନଗରସଭାପତି ଆଶୁତୋଷ ପ୍ରତାପସିଂହ, କାଉନସିଲର ଜଟାଧାରୀ ପ୍ରଧାନ, ପୌରଉପାଧକ୍ଷା ଆରତୀ ରାଉତ, ନାରୀନେତ୍ରୀ ନମିତା ପାଲ, ଜିଲ୍ଲା ପରିଷଦ ଅଧକ୍ଷା ପ୍ରତିନିଧୀ ଅନିଲ କୁମାର ଗୁମାନସିଂହ, ପୂର୍ବତନ ସରପଞ୍ଚ ସୁନିଲ ରାଉତରାୟ, ବିଜୁ ଛୋଟରାୟଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## କାର୍ଯ୍ୟରେ ଯୋଗଦେଲେ ଏସ୍‌ପି ଅବିନାଶ କୁମାର

**ଖୋର୍ଦ୍ଧା, ୯।୪(ସମିସ):** ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ନୂତନ ଏସ୍‌ପି ଭାବେ ମଙ୍ଗଳବାର ଆଇପିଏସ ଅବିନାଶ କୁମାର ଯୋଗଦାନ କରିଛନ୍ତି। ଏଠାରେ ଏସ୍‌ପି ଭାବେ ଦାୟିତ୍ୱ ତୁଲାଉଥିବା ବି.ଯୁଗଳ କିଶୋରଙ୍କୁ ବଦଳି କରାଯାଇଥିବା ବେଳେ ସେ ଶନିବାର ଅତିରିକ୍ତ ଏସପି ସୁରେନ୍ଦ୍ରନାଥ ମୁର୍ମୁଙ୍କୁ ଦାୟିତ୍ୱ ପ୍ରଦାନ କରି ବିଦାୟ ନେଇଥିଲେ। ମଙ୍ଗଳବାର ଏସପି ଅବିନାଶ କୁମାରଙ୍କୁ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁର୍ମୁ ଦାୟିତ୍ୱ ହସ୍ତାନ୍ତରିତ କରିଥିଲେ। ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ ପରେ ଅବିନାଶ କୁମାରଙ୍କୁ ଉକ୍ତ କାର୍ଯ୍ୟାଳୟ ପରିସରରେ ଏସଡିପିଓ (ସଦର) ଦିଲ୍ଲୀପ ଦାସ, ଏସଡିପିଓ ବାଲୁଗାଁ ଶୁଭ୍ରାଂଶୁ ମିଶ୍ର, ଡିଏସ୍‌ପି ହରପ୍ରିୟା ନାୟକ, ଡିଏସପି ଜ୍ୟୋସ୍ନାରାଣୀ କହଁର, ଡିଆଇବି ଡିଏସପି ପ୍ରଶାନ୍ତ ମାଝୀ, ଡିଏସପି ଅନୀଲ ମହାନ୍ତି, ଡିଏସପି ଯୁଗୋଳ କିଶୋର ମଲ୍ଲିକଙ୍କ ସମେତ



ସମସ୍ତ ଥାନାଧିକାରୀ ତାଙ୍କୁ ଭେଟି ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ। ଏଥିସହିତ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଭେଟି ନୂତନ ଏସ୍‌ପିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ତେବେ ଦାୟିତ୍ୱ ଗ୍ରହଣ ପରେ ଅପରାଧ

● ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

● ବିଶୃଙ୍ଖଳାକାରୀଙ୍କୁ ତୁରନ୍ତ ଗିରଫ ନିର୍ଦ୍ଦେଶ

ରୋକିବାକୁ ଏସପି ଅବିନାଶ କୁମାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଡିପିଓ ସମ୍ମିଳନୀ କକ୍ଷରେ ଏସ୍‌ପି ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ପୁଲିସ ଅଧିକାରୀଙ୍କ ସହ ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ସହରରେ ଅପରାଧ ଦମନ ଅଭିଯାନକୁ ଜୋରଦାର କରାଯିବ। ନିର୍ବାଚନ ସମୟରେ ବିଶୃଙ୍ଖଳା କରିବାର ସମ୍ଭାବନା ଥିବା ଲୋକଙ୍କ ବିରୁଦ୍ଧରେ ୧୦୭ ଏବଂ ଅସାମାଜିକ ତଥା କୁଖ୍ୟାତ ଅପରାଧିଙ୍କ ବିରୋଧରେ ୧୧୦ ଦେବା ଲାଗି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧ ରୋକିବା ଲାଗି ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରିଥିବା ଜଣାଯାଇଛି। ତେବେ ଥାନାୱାରି ଯେଉଁମାନଙ୍କ ନାଁରେ ଏନବିଡବ୍ଲୁ ଜାରୀ ହୋଇଛି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାକୁ ଜିଲ୍ଲା ପୁଲିସ ଏଭଳି ପଦକ୍ଷେପ ନେଉଥିବା ଜଣାଯାଇଛି।

## ଆଇନ ସଚେତନତା ଶିବିର

**ନାଚୁଣୀ, ୯।୪(ସମିସ):** ଚିଲିକା ତାଲୁକ ଲିଗାଲ ଏଡ୍ କମିଟି ପକ୍ଷରୁ ଏହାର ଅଧକ୍ଷ ତଥା ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ ଗୋଏଲଙ୍କ ଅଧକ୍ଷତାରେ ମଙ୍ଗଳବାର ଚିଲିକା ଓକିଲ ସଂଘ ସଭାଗୃହରେ ଫୌଜଦାରୀ ଆଇନର ବିଭିନ୍ନ ଦିଗ ଓ ଗିରଫ ବ୍ୟକ୍ତିର ଆଇନ ଅଧିକାର, ଆଇନ ସହାୟତା ଶୀର୍ଷକ ବିଷୟ ଉପରେ ଆଇନ ତର୍ଜମା ତଥା ଆଇନ ସଚେତନତା ଶିବିର ଅନୁଷ୍ଠିତ



ହୋଇଯାଇଛି। ଏଥିରେ ଆମନ୍ତ୍ରିତ ବକ୍ତା ଭାବେ ବରିଷ୍ଠ ଓକିଲ ଦିଲ୍ଲିପ ପଟ୍ଟନାୟକ ଓ ଆମନ୍ତ୍ରିତ ଅତିଥି ଭାବେ ଓକିଲ ସଂଘର ସମ୍ପାଦକ ଅଶୋକ ଚମ୍ପତି ମଞ୍ଚାସୀନ ହୋଇଥିଲେ। ଚିଲିକା ତାଲୁକ ଲିଗାଲ କମିଟି ପକ୍ଷରୁ ଏହାର ସଭ୍ୟ ପ୍ରଦୋଷ କୁମାର ଦାସ ଓ ଅନ୍ୟତମ ସଭ୍ୟ ଦେବାଶିଷ ରଥ, ଚିଲିକା ଓକିଲ ସଂଘର ପୂର୍ବତନ ସଭାପତି ଯଥା ଭାସ୍କର ଚନ୍ଦ୍ର ଘଡେଇ ଓ ଖଗେଶ୍ୱର ପାତ୍ର, ଉପସଭାପତି ସୁରେନ୍ଦ୍ର ପ୍ରଧାନ, କୋଷାଧକ୍ଷ ରାମଚନ୍ଦ୍ର ପଲେଇ, ସହ ସଓପାଦକ ସୁକାନ୍ତ ପ୍ରଧାନ, କାର୍ଯ୍ୟ ନିର୍ବାହୀ ସଭ୍ୟ ଯଥା କିଶୋର ବେହେରା ଓ ମନୋରଞ୍ଜନ ପରିଡ଼ା, ଅନ୍ୟାନ୍ୟ ଆଡଭୋକେଟ ଯଥା ବିବେକାନନ୍ଦ ପଣ୍ଡା, ଅଶୋକ ଜେନା, ଚିତ୍ରସେନ ସାହୁ, ହେମନ୍ତ ସାହୁ, ବିରଞ୍ଚି ବେହେରା ଉପସ୍ଥିତ ରହି ଏହି ଅବସରରେ ମତ ବିନିମୟ କରିଥିଲେ। ଏଥିରେ ଚିଲିକା କୋର୍ଟର ପଦସ୍ଥ କର୍ମଚାରୀ ସିଦ୍ଧଲାଲ ମାରାଣ୍ଡି ଓ ରାକେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତଚଣ୍ଡୀ ଯଜ୍ଞ ପୂର୍ଣ୍ଣାହୁତି

**ବୋଲଗଡ଼, ୯।୪(ସମିସ):** ବାଙ୍କୋଇ ସ୍ଥିତ ମା'ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ଚଳିତ ଚୈତ୍ର ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥି ରବିବାର ଠାରୁ ତିନିଦିନ ଧରି ଚାଲିଥିବା ସପ୍ତଚଣ୍ଡୀ ଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ବୈଦିକ ବିଧିରେ ଅନୁଷ୍ଠିତ ଏହି ଯଜ୍ଞ ରବିବାର ଅଧିବାସ, ଅଙ୍କୁରାରୋପଣ ସୋମବାର ଜଳଯାତ୍ରା, ଶାଳାପୂଜା, ଅଗ୍ନିସ୍ଥାପନ ଓ ମଙ୍ଗଳବାର ସୂର୍ଯ୍ୟପୂଜା, ଗୋପୁଜା, ଶାଳାପୂଜା ଓ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ରମେଶ ଚନ୍ଦ୍ର କରଙ୍କ ସମେତ ପଣ୍ଡିତ ଭବାନୀ ଶଙ୍କର ମିଶ୍ର, ଅମ୍ରିତ କର, ଲକ୍ଷ୍ମୀଧର ପ୍ରହରାଜ, ଚକ୍ରଧର ମହାପାତ୍ର, ପ୍ରମୋଦ ମହାପାତ୍ର ଓ ମା'ରାମଚଣ୍ଡୀଙ୍କ ସେବାସୀ ପ୍ରମୁଖ ଯଜ୍ଞ ଦାୟିତ୍ୱ ନିର୍ବାହ କରିଥିଲେ। କର୍ତା ରୂପେ ତ୍ରିନାଥ ମହାପାତ୍ର ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ମା'ଚଣ୍ଡୀ ଭକ୍ତ ବୃନ୍ଦ ଓ ବାଙ୍କୋଇ ଗ୍ରାମବାସୀଙ୍କ ଦ୍ୱାରା ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଯଜ୍ଞ ଆୟୋଜିତ ହୋଇଥିଲା।

## ଦଣ୍ଡ ଯାତ୍ରାରେ ଗୋଳବାଇରେ ଦଣ୍ଡ ବନ୍ଦାଣ

**ଭୂଷଣ୍ଡପୁର, ୯।୪(ସମିସ):** ଗୋଳବାଇ ଠାରେ ପାରମ୍ପରିକ ଦଣ୍ଡଯାତ୍ରା ଉତ୍ସବ ମୁଖର ହୋଇଉଠିଛି। ଗୋଳବାଇର ଆରାଧ୍ୟ ଠାକୁର ଶ୍ରୀଗ୍ରାମେଶ୍ୱର ଦେବ ମହାଦେବ। ଏଥିରେ ଅଂଶଗ୍ରହଣକାରି ଭକ୍ତଙ୍କୁ ଭଗତା ବୋଲି କୁହାଯାଏ। ଏମାନେ ପାଟ ଭଗତା, ଦେଉଳ ପରିଛା, ମେରୁପାତ୍ର, ହନୁମାନ୍ତ କଟୁଆଳ, ଅନ୍ନ ପାତ୍ର, କୋଠଦାଣ୍ଡିଆ, ପାଟ ଦଣ୍ଡିଆ, ବଳିଆ ଗଉଡ, ଭଣ୍ଡାର ଘରିଆ, ଭୋଗା ଭେଣ୍ଡିଆ, ଧୂଳିଝପଟ, ଉଗରା ଆଉ ଟହଲା ନାମରେ ନାମିତ ହୋଇଥାନ୍ତି। ଏହି ଭଗତାମାନେ ମାସାଧିକ କାଳ ଆମିଷ ପରିତ୍ୟାଗ କରିଥାନ୍ତି। ଦଣ୍ଡ ଯାତ୍ରାରେ ପ୍ରବେଶ କରିବା ପରେ କୌଣସି ଖାଦ୍ୟସେବନ କରନ୍ତି ନାହିଁ। ଏହି ଦିନରେ ଭକ୍ତ ଯାହା ମାନସିକ ରଖନ୍ତି ତାହା ସବୁ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

● ବାସନ୍ତିକ ନବରାତ୍ରର ପ୍ରଥମ ଦିବସ

## ଶୈଳପୁତ୍ରୀ ବେଶରେ ମା' ବନଦୁର୍ଗା

**ନିରାକାରପୁର, ୯।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ବାସନ୍ତୀକ ଚୈତ୍ର ନବରାତ୍ରର ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ



ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟପୂଜା ପଞ୍ଚ ଦେବତା ପୂଜା, ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ ମହାପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ସମାଜସେବୀ ଦିଲ୍ଲୀପ କୁମାର ସାହୁଙ୍କ ସପରିବାର, ଲିଙ୍ଗରାଜ ଜେନା ଓ ବହୁ ଶ୍ରଦ୍ଧାଳୁ ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

## ଲୋ-ଭୋଲଟେଜ ଓ ବିଦ୍ୟୁତ୍ କାଟ ସମସ୍ୟା

**ବେଗୁନିଆ, ୯।୪(ସମିସ):** ରୌଦ୍ରତାପ ପ୍ରଭାବରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଲୋ-ଭୋଲଟେଜ ସମସ୍ୟା ଓ ବାରମ୍ବାର ବିଦ୍ୟୁତ୍ କାଟ ଜନଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି। ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପବନ ଆସିବା ପୂର୍ବରୁ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଉଛି ଯେ ଏପରିକି ବର୍ଷା ନହେଲେ ମଧ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଜାରି ରହୁଛି। ବିଦ୍ୟୁତ ବିତରଣ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ଠିକ ସମୟରେ ବିଦ୍ୟୁତ୍ ବିଲ ଆଦାୟ କରୁଥିବା ବେଳେ ସେବା କ୍ଷେତ୍ରରେ ସେତିକି ତତ୍ପରତା ପ୍ରକାଶ କରୁନାହିଁ। ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ୪ଟି ବିଦ୍ୟୁତ୍ ସେକ୍ସନ ଯଥା ବେଗୁନିଆ, ବାଘମାରୀ, ସୁନାଖଳା ଓ କଳାପଥର ଥିବାବେଳେ ଖୋର୍ଦ୍ଧା ଓ ଜଙ୍କିଆ ସେକ୍ସନ ଅଧୀନରେ କିଛି ଗ୍ରାମ ରହିଛି। ବିଶେଷତଃ ସକାଳ ଓ ସନ୍ଧ୍ୟାରେ ମନୁଷ୍ୟକୃତ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବା କ୍ଷେତ୍ରରେ ବିତରଣ କମ୍ପାନୀ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଶିକ୍ଷାବିତ ଭଗବାନ ପଣ୍ଡା, ନଳିନୀ କାନ୍ତ ପଣ୍ଡା, ଗୌର ଚରଣ ପ୍ରହରାଜ, ଆଇନଜୀବୀ ପ୍ରଦୀପ୍ତ ମଙ୍ଗରାଜ, ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ସୁରେଶ ସେଠୀ ଓ ସମାଜସେବୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ରାଷ୍ଟ୍ରୀୟ ନବବର୍ଷ ପାଳନ

**ଖୋର୍ଦ୍ଧା, ୯।୪(ସମିସ):** ଖୋର୍ଦ୍ଧା ସଂସ୍କୃତି ସୁରକ୍ଷା ସମିତି ଆନୁକୂଲ୍ୟରେ ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ସମାରୋହ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ତଥା ଆରଏସଏସ ପ୍ରାନ୍ତ ସହ ସେବା ପ୍ରମୁଖ ବେଲେଶ୍ୱର ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ରେଲ ବିଭାଗର ଉଚ୍ଚପଦାଧିକାରୀ





ରାଜେନ୍ଦ୍ର ନରେନ୍ଦ୍ର ଯୋଗ ଦେଇଥିଲେ। ବିଭାଗ ଘୋଷ ପ୍ରମୁଖ ତଥା ଆରଏସଏସ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଭାପତିତ୍ୱ ଭାଷଣରେ ସାହୁ କହିଲେ ଭାରତ ବର୍ଷର ମହାନ ସଂସ୍କୃତି ପରମ୍ପରା ହଜିବାକୁ ବସିଛି। ଆମେ ଆମ ସଂସ୍କୃତି ଠାରୁ ବିମୁଖ ହୋଇ ପାଶ୍ଚାତ୍ୟ ସଂସ୍କୃତିକୁ ଯାବୁଡି ଧରି ରଖିଛି। ସଂସ୍କୃତି ଆମ ପରିଚୟ। ଏହା ହଜିଲେ ଆମ ଅସ୍ତିତ୍ୱ ହଜିଯିବ ବୋଲି କହିଥିଲେ। ସମିତି ସମ୍ପାଦକ ସ୍ୱାଗତ ଭାଷଣ ଓ ପ୍ରଶାନ୍ତ ବେହେରା ବିବରଣୀ ପାଠ କରିଥିଲେ। ସିଦ୍ଧେଶ୍ୱର ସିଂହ ମଞ୍ଚ ପରିଚାଳନା କରିଥିଲେ। କୁନି କୁନି ଶିଶୁ ଭାଇଭଉଣୀ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭକ୍ତି ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ, ଓଡିଶୀ ଏକକ, ଦଳଗତ ନୃତ୍ୟ ପରିବେଷଣ କରି କରିଥିଲେ।

## ପାରିଓରଡରେ ମୁଗଚାଷୀ ହତାଶ

**ଟାଙ୍ଗୀ, ୯।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ପାରିଓରଡ ପଞ୍ଚାୟତର ବହୁ ଚାଷୀ ରବି ଋତୁରେ ମୁଗଚାଷକୁ ଆଦରି ନେଉଛନ୍ତି। ଏଥିରେ ପ୍ରଚୁର ମୁଗ ଅମଳ କରି ଆଶାନୁରୂପକ ଆର୍ଥିକ ଲାଭ ପାଇଥାନ୍ତି। ଚଳିତ ବର୍ଷ ଅଦିନିଆ ଝଡ ସାଙ୍ଗକୁ ବର୍ଷା ହେବା ଫଳରେ ଏହି ମୁଗ ଫସଲ ଗୁଡିକ ଜମିରେ ଗଜା ହୋଇଯାଇଥିବା ହେତୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଲା ଭଳି ଅବସ୍ଥା ଆସିଯାଇଛି। ମୁଗ ଏପରି ଏକ ଫସଲ ଯେଉଁଥରେ ପାଚିବା ସମୟକୁ ପାଣି ପଡ଼ିଗଲେ ସେଗୁଡିକ ଗଜା ହୋଇଯିବାର ସମ୍ଭାବନା ଥାଏ। ତେଣୁ ଚାଷୀମାନେ ନିଜର ମୁଗ ଫସଲ ସୁରକ୍ଷିତ ରଖିବାକୁ ବର୍ଷା ନହେବା ପାଇଁ ଆଶାବାନ୍ଧି ବସିଥାନ୍ତି। କିନ୍ତୁ ଚଳିତ ବର୍ଷ ଅଦିନିଆ ଝଡ ବର୍ଷା ହେବା ଫଳରେ ଅଧିକାଂଶ ଚାଷୀଙ୍କର ମୁଗଫସଲ ନଷ୍ଟ ହୋଇଯାଇଛି। ଏହି ଗ୍ରାମର ଅଗ୍ରଣୀ ଚାଷୀ ବେଣୁଧର ରାଉତ ପ୍ରତ୍ୟେକ ବର୍ଷ ପ୍ରାୟ ୬୦ କୁଇଣ୍ଟାଲ ମୁଗ ଅମଳ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ଅଚାନକ ବର୍ଷା ଯୋଗୁ ତାଙ୍କର ମୁଗଚାଷ କ୍ଷତିଗ୍ରସ୍ତ ହେବା ଫଳରେ ସେ ପ୍ରାୟ ୩୦ କୁଇଣ୍ଟାଲ ମୁଗ ଅମଳ କରିଥିବା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟ ଚାଷୀଙ୍କର ଅବସ୍ଥା ମଧ ଦୟନୀୟ।

# ବିନା ସୂଚନା ଫଳକରେ ଚାଲିଛି ଉନ୍ନୟନ କାର୍ଯ୍ୟ

**ବାଲୁଗାଁ, ୯।୪(ସମିସ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅନୁଦାନ ଅର୍ଥ ଚିଲିକା ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟ ଲାଗି ଆସୁଛି। କେଉଁ ବିଭାଗର କାର୍ଯ୍ୟ, କେଉଁ ଯୋଜନା, କେତେ ଟଙ୍କା ଓ କେଉଁ କାର୍ଯ୍ୟ ପାଇଁ ଅର୍ଥ ଆସୁଛି ଜନସାଧାରଣ ଜାଣିବା ସରକାରଙ୍କ ନିୟମ ରହିଛି। କିନ୍ତୁ ଏଠାରେ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲୁଥିବା ଦେଖିବାକୁ ମିଳୁଛି। ଚିଲିକା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ କୋଟି କୋଟି ଟଙ୍କାର ବିଭିନ୍ନ ବିଭାଗର କାର୍ଯ୍ୟ ଚାଲୁଥିବା ବେଳେ ଅନେକ କାର୍ଯ୍ୟସ୍ଥଳରେ ସୂଚନା ଫଳକଟିଏ ଦେଖିବାକୁ ମିଳୁନଥିବା ସହ କେତେକ କାର୍ଯ୍ୟ ଅତିନିମ୍ନ ମାନର କରାଯାଉଥିବା ଦେଖିବାକୁ ମିଳୁଛି। ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନରେ ଚିଲିକା ଓ ବାଣପୁର ଦୁଇଟି ବ୍ଲକ ଏବଂ ବାଲୁଗାଁ ଓ ବାଣପୁର ଦୁଇଟି ଏନ୍ଏସି ରହିଛି। ଅଞ୍ଚଳର ବିଭିନ୍ନ ସ୍ଥାନରେ ଗ୍ରାମ ଉନ୍ନୟନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, କ୍ଷୁଦ୍ର ଜଳ ସେଚନ ଓ ଶାଳିଆ ଜଳ ସେଚନ, ଚିଲିକା ଉନ୍ନୟନ ପରିଷଦ, ଗ୍ରାମ୍ୟ ଜଳ ଯୋଗାଣ ଓ ସହରାଞ୍ଚଳ ଜଳ ଯୋଗାଣ ବିଭାଗ, ପର୍ଯ୍ୟଟନ ବିଭାଗ ସମେତ ଆନ୍ତର୍ଦେଶୀୟ ଜଳ ପଥ ଆଦି ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର କାର୍ଯ୍ୟ ଚାଲିଛି। ତେବେ ନିର୍ମାଣ କାର୍ଯ୍ୟ ଚାଲିଥିବା କେତେକ ସ୍ଥାନରେ ଅତି ନିମ୍ନମାନର କାମ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ବହୁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ନ ଲଗାଯାଇ କାର୍ଯ୍ୟ ଚାଲୁଛି ଯାହା ଜନସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ବିଶେଷ କରି ପୂର୍ତ୍ତବିଭାଗର ବାଲୁଗାଁ ସହର ଦେଇ ଯାଉଥିବା ଜାତୀୟ ରାଜପଥ, ବାଲୁଗାଁ ବାଣପୁର ମୁଖ୍ୟ ରାସ୍ତା ସହ ବିଭିନ୍ନ ସ୍ଥାନରେ ଚାଲିଥିବା କାର୍ଯ୍ୟ ସ୍ଥଳରେ ସୁଚନା ଫଳକ ନ ଲଗାଯାଇ କାମ ଚାଲିଛି। ଏସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ଏସ୍‌ଡିଓ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ବିଭାଗ ତରଫରୁ ସମସ୍ତ କାର୍ଯ୍ୟ ଠିକ ଠାକ ଚାଲିଥିବା ବେଳେ ବର୍ତ୍ତମାନ ସାଧାରଣ ନିର୍ବାଚନ ଲାଗି ଆଚରଣବିଧି ଲାଗିଥିବାରୁ ସୂଚନା ଫଳକ ଗୁଡିକୁ ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟ ସ୍ଥଳରେ ବିନା ସୂଚନା ଫଳକରେ କାର୍ଯ୍ୟ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏହିଭଳି ଚିଲିକା ନିର୍ବାଚନ ମଣ୍ଡଳୀର ବହୁ ସ୍ଥାନରେ ବିଭିନ୍ନ ବିଭାଗ ତରଫରୁ ଚାଲିଥିବା କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସରକାର ଗୁରୁତର ସହ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

## ନରଣଗଡ଼ କ୍ଲଷ୍ଟର୍‌ରେ ଖେଳଣା ପ୍ରସ୍ତୁତି କର୍ମଶାଳା

**ଖୋର୍ଦ୍ଧା, ୯।୪(ସମିସ):** ଖୋର୍ଦ୍ଧା ଶିକ୍ଷା ବ୍ଲକ ଅନ୍ତର୍ଗତ ନରଣଗଡ଼ କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇ ଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ହାଡ଼ପଦାର ଜଗନ୍ନାଥପୁର ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ନରଣଗଡ଼ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ଯୋଗଦେଇ ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଦକ୍ଷତା ବିକାଶ କରିବାରେ ସହାୟକ ହେବ ବୋଲି କହିଥିଲେ। ହଜି ଯାଇଥିବା କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପୁନଃଉତ୍ଥାନ କରିବା ସହିତ ଏହାକୁ କୁନି କୁନି ଛାତ୍ରଛାତ୍ରୀଙ୍କ ନକଟରେ ପହଁଚାଇବା ଲାଗି ଶିକ୍ଷା ବିଭାଗର ଏହା ଏକ ପ୍ରୟାସ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡାଙ୍କ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ ଯୋଗ ଦେବା ସହିତ ସମ୍ବଳ ଶିକ୍ଷକ (ଆର୍.ପି) ଭାବରେ କଳା ଶିକ୍ଷକ ଭାଗିରଥି ମହାରଣା, ମଳୟ କୁମାର ପାଇକରାୟ, ଭାଗୀରଥି ମହାରଣା, ଲଲାଟ କେଶରୀ ପ୍ରଧାନ, ଜଗନ୍ନାଥ ମାଝି, ମନୋଜ ନାୟକ ଯୋଗଦେଇ ଶିକ୍ଷକମାନଙ୍କୁ ମାଟିରେ ବିଭିନ୍ନ ମୂର୍ତି ତିଆରି କରିବାର କଳା କୌଶଳ ଶିଖାଇବା ସହିତ କଣ୍ଢେଇ ତିଆରି କରିବା, କଳା ଓ ହସ୍ତଶିଳ୍ପ ବିଷୟରେ ଶିକ୍ଷା



ଦେଇଥିଲେ। ବିଦ୍ୟାଳୟ ଶିକ୍ଷଣ କ୍ଷେତ୍ରରେ ଶିକ୍ଷଣ ଫଳାଫଳ ସହିତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ହୋଇ ଶିକ୍ଷାଦାନ ରୁଚିକର, ଆନନ୍ଦଦାୟକ, ଉପଯୋଗୀ ହୋଇପାରିବ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅଭିଭାବକ ମତପ୍ରକାଶ କରିଛନ୍ତି।

